ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶନିବାର ୧୧ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 May 2024
Vol.No. 35 ■ No.126 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ'

### ଜନସମୁଦ୍ର ପାଲଟିଲା ଜନପଥ

ଭୁବନେଶ୍ୱର, ୧୦/୫ (ନି.ପ୍ର): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ଓଡ଼ିଶା ବିଜେପି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତା'ପରେ କଡ଼ା ସୁରକ୍ଷା ମଧ୍ୟରେ ବିମାନବନ୍ଦରରୁ ବାହାରିଲେ ମୋଦି। ରାସ୍ତାରେ ଦୁଇ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଛିଡ଼ା ହୋଇଥିବା ହଜାର ହଜାର ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ ମୋଦି। ବିମାନ ବନ୍ଦରରୁ ବାହାରିବା ପରେ ମୋଦି ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ'। ବାଣୀବିହାର ପର୍ଯ୍ୟନ୍ତ ଚାଲିବ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ'। ପ୍ରଧାନମନ୍ତ୍ରୀଙ୍କ ସହ ରାଜ୍ୟ ବିଜେପିର ୨ ବରିଷ୍ଠ ନେତା ସାମିଲ ହୋଇଛନ୍ତି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀ ରୋଡ୍ ଶୋ''ରେ ସାମିଲ୍ ହୋଇଛନ୍ତି। ମୋଦିଙ୍କ ରୋଡ୍ ଶୋ' ପାଇଁ ରାସ୍ତାର ଦୁଇ ପାର୍ଶ୍ୱ ଝଲସୁଛି ଓଡ଼ିଶାର କଳା ଓ ସଂସ୍କୃତିରେ। ବାଣୀବିହାର ମଧ୍ୟରେ ୧୦ଟି ସ୍ଥାନରେ ୧୦ଟି ଆଇକନ୍ ସ୍ଥାପନ କରାଯାଇଛି। ବିଜେପି ଅଫିସ୍ ପରିସରରେ ହୁଳହୁଳି ଓ ଝାଞ୍ଜ ମୃଦଙ୍ଗ ସହ ସାହିଯାତ ପରମ୍ପରା ଦେଖିବାକୁ ମିଳିଛି। ତା' ସହ କୋଣାର୍କ ସୂର୍ଯ୍ୟମନ୍ଦିରର ଚକ ଓ ଶ୍ରୀଜୀଉଙ୍କ ରଥର ଉପରପାର୍ଶ୍ୱକୁ



ନେଇ ତିଆରି ହୋଇଛି ବିରାଟ୍ ଷ୍ଟେଜ୍ ବ୍ୟାକଡ୍ରପ୍। ରାମମନ୍ଦିର ପରିସରରେ ୨୦ ଜଣ ପୂଜକଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ ଆଳତୀ ଦୃଶ୍ୟ ବେଶ୍ ମନ୍ତ୍ରମୁଗ୍ଧ କରୁଥିବା ବେଳେ ରାମମନ୍ଦିରର ଡାହାଣ କଡ଼ରେ ରାମଲାଲାଙ୍କ ବିରାଟ୍ କଟଆଉଟ୍ ଦେଖିବାକୁ ମିଳିଛି। ସେହିପରି ବାନରସେନାଙ୍କ ଦ୍ୱାରା ଜୟଶ୍ରୀ ରାମ ଧ୍ୱନୀରେ ପ୍ରକମ୍ପିତ ହେଉଛି ସାରା ଅଞ୍ଚଳ। ମହର୍ଷି କଲେଜ ଛକରେ ବିଭିନ୍ନ ଦେଶର ଜାତୀୟ ପତାକା ସହ ମୋଦିଙ୍କୁ ବିଶ୍ୱଗୁରୁ ଦର୍ଶାଇ ନିର୍ମାଣ କରାଯାଇଛି ଏକ ବଡ଼ ପ୍ରତିକୃତୀ। ହୋଟେଲ୍ ଲାଇଫ୍ ପାଖରେ ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଥିମରେ ଏକ ମଞ୍ଚ ତିଆରି କରାଯାଇଛି। ଯେଉଁଠି କାଶ୍ମିରୀ ଗ୍ରୁପ୍ ପରିବେଷଣ କରିଛି ଆକର୍ଷଣୀୟ ନୃତ୍ୟ ସଂଗୀତ। ବଲିଉଡ୍ କଣ୍ଠଶିଳ୍ପୀ ଅରିଜିତ ସିଂଙ୍କ ଦ୍ୱାରା ମଧ୍ୟ 'ଏ ୱତନ୍ ୱତନ୍ ମେରେ ଆବାଦ ରହେ ତୁ' ଗୀତ ▶▶ପୃଷ୍ଠା ୭

## ଆଗାମୀ ୪ ଦିନ ଯାଏଁ ରାଜ୍ୟର କିଛି ଜିଲ୍ଲାରେ ପ୍ରବଳ ବର୍ଷା !

ଭୁବନେଶ୍ୱର, ୧୦/୫ (ନି.ପ୍ର): ଦୁଇ ପ୍ରକାର ପାଣିପାଗ ନିୟାମକ ଯୋଗୁ ଉପକୂଳ ଓଡ଼ିଶା ଓ ତା' ପାର୍ଶ୍ୱବର୍ତ୍ତୀ ଆଭ୍ୟନ୍ତରୀଣ ଜିଲ୍ଲାରେ କେତେକ ଅଞ୍ଚଳରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଆଉ କିଛି ଜିଲ୍ଲାରେ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଏମିତିକା ପାଣିପାଗ ୩ରୁ ୪ ଦିନ ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ ଅନୁସାରେ ଶନିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ତେବେ ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ, ଅନୁଗୋଳ, ଯାଜପୁର,କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ମାଲକାନଗିରି, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ଓ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ସକାଳ ସାଢ଼େ ୮ଟାରୁ ▶▶ପୃଷ୍ଠା ୭

## ନରେନ୍ଦ୍ର ଦାଭୋଲକର ହତ୍ୟା ମାମଲା: ୨ ଆସାମୀଙ୍କୁ ଆଜୀବନ କାରାଦଣ୍ଡ, ୩ ଖଲାସ୍

ମୁମ୍ବାଇ, ୧୦/୫ : ମହାରାଷ୍ଟ୍ର ଅନ୍ଧଶ୍ରଦ୍ଧା ଉନ୍ମୁଳନ ସମିତିର ପ୍ରତିଷ୍ଠାତା ଡା. ନରେନ୍ଦ୍ର ଦାଭୋଲକରଙ୍କ ହତ୍ୟା ମାମଲାରେ ଶୁକ୍ରବାର ସ୍ୱତନ୍ତ୍ର କୋର୍ଟର ବିଚାରପତି ପି.ପି. ଯାଧବ ସଚିନ ଅନ୍ଦୁରେ ଏବଂ ଶରଦ କାଲସ୍କରଙ୍କୁ ଆଜୀବନ କାରାଦଣ୍ଡ ସହ ୫ ଲକ୍ଷ ଲେଖାଏଁ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଏହି ମାମଲାରେ ଜଡ଼ିତ ଅନ୍ୟ ତିନି ଜଣ ଅଭିଯୁକ୍ତ ଡା. ବିରେନ୍ଦ୍ର ସିଂହ ତାବଡେ, ବିକ୍ରମ ଭାବେ ଏବଂ ସଞ୍ଜୀବ ପୁନାଲେକରଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ୍ କରାଯାଇଛି । ଅନ୍ୟପକ୍ଷରେ ନରେନ୍ଦ୍ର ଦାଭୋଲକରଙ୍କ ପୁଅ ହମିଦ ଦାଭୋଲକର କୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି ଯେ, ମାମଲାରେ ଜଡ଼ିତ ତିନି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ୍ କରାଯାଇଛି । ତେବେ ସେମାନଙ୍କୁ ସଜା ଦେବା ନିମନ୍ତେ ସେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ଯିବେ ।

## ଛତିଶଗଡ଼ରେ ବଡ଼ ଏନ୍‌କାଉଣ୍ଟର: ୧୨ ନକ୍ସଲ ନିହତ



ଛତିଶଗଡ଼, ୧୦/୫ (ନି.ପ୍ର): ଛତିଶଗଡ଼ରେ ପୁଣି ଏକ ବଡ଼ ଏନ୍‌କାଉଣ୍ଟର। ନିହତ ହୋଇଛନ୍ତି ୧୨ ନକ୍ସଲ। ଗଙ୍ଗଲୁର ଥାନା ପିଡ଼ିଆ ଜଙ୍ଗଲରେ ହୋଇଛି ଏହି ଏନ୍‌କାଉଣ୍ଟର। ରାଜ୍ୟ ପୁଲିସ ଏବଂ ସିଆରପିଏଫ୍‌ର କୋବ୍ରା ଯବାନଙ୍କୁ ମିଳିଛି ଏହି ବଡ଼ ସଫଳତା। ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ମୃତାହତଙ୍କ ସଂଖ୍ୟା ବଢ଼ିବା ସମ୍ଭାବନା ରହିଛି। ପିଡ଼ିଆ ଜଙ୍ଗଲରେ ୩୦ରୁ ୪୦ ଜଣ ନକ୍ସଲ ଥିବା ନେଇ ସୁରକ୍ଷାକର୍ମୀଙ୍କୁ ସୂଚନା ମିଳିଥିଲା। ସେମାନେ ସେଠାରେ କିଛି ଦିନ ହେବ କ୍ୟାମ୍ପ କରି ରହିଥିଲେ। ବିଶେଷ ସୂତ୍ରରୁ ଖବର ପାଇବା ପରେ ସୁକମା, ଦନ୍ତେୱାଡା ଓ ବିଜାପୁର ଆଦି ତିନି ଜିଲ୍ଲାର ପୁଲିସ ସହିତ ଉଜଚରର କୋବ୍ରା ଯବାନମାନେ ମିଳିତ ଭାବେ ଏହି ବଡ଼ ଧରଣର ଅପରେସନ କରିଥିଲେ। ବସ୍ତର ପୁଲିସ୍ ଆଇଜି ସୁନ୍ଦରରାଜ ପି. ଙ୍କ ନେତୃତ୍ୱରେ ଏହି ଅପରେସନ ହୋଇଥିଲା। ସେହିଭଳି ତିନି ଜିଲ୍ଲାର ଝଟଙ୍କ ସମେତ ବସ୍ତର ଉଓଏ ଏହି ଅପରେସନ ଉପରେ ନଜର ରଖିଥିଲେ। ମୃତ ନକ୍ସଲଙ୍କଠାରୁ ଅତ୍ୟାଧୁନିକ ବନ୍ଧୁକ ମିଳିଛି। ▶▶ପୃଷ୍ଠା ୭

## ଭାଗଲପୁରରେ ଟ୍ରକ-କାର ଧକ୍କା: ୩ ମୃତ

ପାଟଣା, ୧୦/୫ (ନି.ପ୍ର): ବିହାରର ଭାଗଲପୁର ଜିଲ୍ଲାର ପୋଲିସ ଜିଲ୍ଲା ନବଗଛିୟା ସ୍ଥିତ ମକନପୁର ଚୌକରେ ଶୁକ୍ରବାର ସକାଳେ ସଡକ ଦୁର୍ଘଟଣାରେ ୩ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ସୂଚନା ପାଇଁ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହ ପୋଷ୍ଟମର୍ଟମ ପାଇଁ ପଠାଇ ଦେଇଛି । ପୋଲିସ ମୁତାବକ ଭାଗଲପୁର ଜିଲ୍ଲାର ପୋଲିସ ଜିଲ୍ଲା ନବଗଛିୟା ସ୍ଥିତ ମକନପୁର ଚୌକରେ ଆଜି ସକାଳେ ଟ୍ରକ ଓ କାର ମଧ୍ୟରେ ଭୀଷଣ ଧକ୍କାରେ ତିନିଜଣଙ୍କ ମୃତ୍ୟୁ ହୋଇଛି ।

## ଜାତୀୟ ରାଜପଥରେ ଦୁଇ ବସ୍ ମୁହାଁମୁହିଁ ଧକ୍କା: ଅନେକ ଆହତ



ସୋନପୁର, ୧୦/୫ (ନି.ପ୍ର): ସୋନପୁର-ସମ୍ବଲପୁର ଜାତୀୟ ରାଜପଥରେ ଆଜି ସନ୍ଧ୍ୟା ବେଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୧୦ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୀରମହାରାଜପୁରରୁ ଯାତ୍ରୀଙ୍କୁ ଧରି ସମ୍ବଲପୁର ଅଭିମୁଖେ ଯାଉଥିଲା ଏକ ବସ୍। ତେବେ ସୋନପୁର-ସମ୍ବଲପୁର ଜାତୀୟ ରାଜପଥର ଡୁଡୁପାଲି ଛକରେ ସମ୍ମୁଖରୁ ଆସୁଥିବା ଅନ୍ୟ ଏକ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ଦୁଇ ବସ୍‌ର ଡ୍ରାଇଭରଙ୍କ ସମେତ ଅନେକ ଯାତ୍ରୀ ଫସି ଯାଇଥିଲେ। ସ୍ଥାନୀୟ ଏନେଇ ଅଗ୍ନିଶମ ବିଭାଗକୁ ଦେବା ସହିତ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଦୁଇ ବସ୍ ଭିତରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ସମସ୍ତ ଯାତ୍ରୀଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଭିତରୁ ୧୦ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗ ଜନକ ରହିଛି। ଅନ୍ୟପକ୍ଷରେ ବସ୍ ଭିତରେ ଫସି ରହିଥିବା ଦୁଇ ଡ୍ରାଇଭରଙ୍କ ମଧ୍ୟରୁ ଜଣକୁ ଉଦ୍ଧାର କରାଯାଇଛି। ଅନ୍ୟ ଜଣେ ଏବେ ମଧ୍ୟ ବସ୍ ଭିତରେ ଫସି ରହିଛି। ଅଗ୍ନିଶମ କର୍ମଚାରୀମାନେ କଟର ମାଧ୍ୟମରେ ବସ୍ ଡୋର କାଟି ଡ୍ରାଇଭରଙ୍କୁ ଉଦ୍ଧାର କରୁଥିବା ଜଣାପଡ଼ିଛି।

## ବିଜେଡି ଓ କଂଗ୍ରେସକୁ ସମାଲୋଚନା କଲେ ରାଜନାଥ ସିଂହ



ଭୁବନେଶ୍ୱର, ୧୦/୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପରେ ରଣହୁଙ୍କାର ଦେଇଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ। ଏଥର ବିଜେଡି ଯିବା ନିଶ୍ଚିତ ବୋଲି କହିଛନ୍ତି। ନୟାଗଡ଼ ଜିଲ୍ଲା ରଣପୁରର ନିର୍ବାଚନୀ ସଭାରେ ଆଜି ଏଭଳି ଢଙ୍ଗରେ ବିଜେଡିକୁ ଟାର୍ଗେଟ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ପଞ୍ଚୁଦୋଳ ପଡ଼ିଆରେ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ରାଜନାଥ କଂଗ୍ରେସ ଓ ବିଜେଡିକୁ ତୀବ୍ର ସମାଲୋଚନା କରିଛନ୍ତି। କହିଛନ୍ତି, ସମ୍ବିଧାନର ଦୁରୂପଯୋଗ କରି କଂଗ୍ରେସ ଦେଶକୁ ପଛକୁ ନେଇଛି। ସଂରକ୍ଷଣ ବ୍ୟବସ୍ଥା ବନ୍ଦ କରାଯିବ ବୋଲି ଏବେ ଗୋଟିଏ ଗୁଜବ ଚାଲିଛି। ଭାରତରେ କାହାରି ଦମ୍ ନାହିଁ, ଯିଏ ସଂରକ୍ଷଣ ବ୍ୟବସ୍ଥାକୁ ବନ୍ଦ କରିଦେଇପାରିବ ବୋଲି କହିଛନ୍ତି ରାଜନାଥ। ଓଡ଼ିଶାରେ କଂଗ୍ରେସ ୪୦ ବର୍ଷ ଏବଂ ବିଜେଡି ୨୫ ବର୍ଷ ଶାସନ କଲାଣି। ଓଡ଼ିଶାରେ ସ୍ଥିତି ଯାହା ଏଠାରୁ କଂଗ୍ରେସ ବିଦାୟ ନେଇ ସାରିଥିବା ବେଳେ ଏଥର ବିଜେଡି ମଧ୍ୟ ଯିବା ନିଶ୍ଚିତ ବୋଲି ରାଜନାଥ କହିଛନ୍ତି। ରାଜନାଥଙ୍କ ସମାଲୋଚନା ନେଇ ବିଜେଡି କିମ୍ବା କଂଗ୍ରେସର ପ୍ରତିକ୍ରିୟା ମିଳିପାରି ନାହିଁ।

## ଆଜି ରଥକାଠ ଅନୁକୂଳ: ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା

ଭୁବନେଶ୍ୱର, ୧୦/୫ (ନି.ପ୍ର): ଆଜି ପବିତ୍ର ଅକ୍ଷୟ ତୃତୀୟା। ଆଜି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ତିନି ରଥ ନିର୍ମାଣ ଲାଗି ଆଜି ରଥକାଠ ଅନୁକୂଳ ହେବ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଂଟ ହୋଇଛି। ଏହାସହ ଆଜିଠୁ ଆରମ୍ଭ ମହାପ୍ରଭୁଙ୍କ ୨୧ଦିନିଆ ଚନ୍ଦନ ଯାତ୍ରା ଆରମ୍ଭ ହେବ । ଅପରାହ୍ନ ସାଢେ ୩ଟାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଓ ରାମକୃଷ୍ଣ ବିମାନକୁ ବିଜେ କରିବା ପରେ ଶୋଭାଯାତ୍ରାରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ବିମାନ ସହ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡା କରିବେ।

## ବାଘ ଆକ୍ରମଣରେ ଜଣେ ମୃତ !

ସମ୍ବଲପୁର, ୧୦/୫ (ନି.ପ୍ର): ବାଘ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ରେଞ୍ଜ ସାହେବୀ ପଞ୍ଚାୟତ ମାନକୁଣ୍ଡା ଜଙ୍ଗଲରେ ଘଟିଛି ଏହି ଘଟଣା। ମୃତ ବ୍ୟକ୍ତି ଜଣଙ୍କ ହେଉଛନ୍ତି ସାଦ ମୁଣ୍ଡା। ତାଙ୍କ ଘର ଧଣ୍ଡମୁଣ୍ଡା ଗାଁରେ। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା। ଏକ କଲରା ପତରିଆ ବାଘ ଆକ୍ରମଣରେ ସାଦ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଯାଇଛି।

## ଚିଟ୍‌ଫଣ୍ଡ ସଂସ୍ଥା ଗ୍ରୀନ୍ ରେ' ଅଫିସ୍‌ରେ ଅଗ୍ନିକାଣ୍ଡ

ଜଳେଶ୍ୱର, ୧୦/୫ (ନି.ପ୍ର): ଗ୍ରୀନରେ ବିଲ୍ଡିଂ ରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ଏଭଳି ଅଗ୍ନିକାଣ୍ଡ ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ବଡ଼ ବଜାର ସ୍ଥିତ ଗ୍ରୀନରେ ମୁଖ୍ୟ କାର୍ଯ୍ୟାଳୟରେ। କେହି ଜଣେ ଦୁର୍ବୃତ୍ତ ନିଆଁ ଲଗାଇଥିବା ଅନୁମାନ କରାଯାଉଛି। ଚିଟଫଣ୍ଡ ଦୁର୍ନୀତିରେ ଏହି ଅଫିସକୁ ସିଜ୍ କରାଯାଇଥିଲା। ଘଟଣା ସ୍ଥଳରେ ଅଗ୍ନୀଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛି। ଜଳେଶ୍ୱରରେ ଥିବା ଗ୍ରୀନରେ ଇଣ୍ଟରନ୍ୟାସନାଲ କମ୍ପାନୀ ଦେଶର ୧୫ ଟି ରାଜ୍ୟରୁ ୨୦୧୨ ମସିହା ବେଳକୁ ପାଖାପାଖି ଦୁଇ ହଜାର କୋଟି ଟଙ୍କା ଠକି ନେଇଥିଲା। ସେଥିରୁ କେବଳ ଓଡ଼ିଶାରେ ଦେଢଲକ୍ଷ ଜମାକାରୀ ଥିବା ବେଳେ ସେମାନଙ୍କ ଜମାରାଶି ପାଞ୍ଚ ଶହ କୋଟି ଟଙ୍କା ଥିଲା ବୋଲି କୁହାଯାଇଛି। ଏହି ଦୁର୍ନୀତିରେ ଦୀର୍ଘ ୮ ବର୍ଷ ଧରି ଗ୍ରୀନରେ କମ୍ପାନିଙ୍କୁ ସିଜ୍ କରାଯାଥିଲା। କୌଣସି କରଣରୁ ଅଜି ସନ୍ଧ୍ୟରେ ସେଇ ବିଲ୍ଡିଂରେ ଭୟଙ୍କର ଅଗ୍ନିକାଣ୍ଡ ହୋଇଥିଲା। ସ୍ଥାନୀୟ ଲୋକେ ନିଆଁ ଲାଗିଥିବା ଦେଖି ଅଗ୍ନୀଶମ ବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଅଗ୍ନୀଶମ ବିଭାଗ ପହଞ୍ଚି ନିଆଁକୁ ଲିଭାଇବାକୁ ଚେଷ୍ଟା କରଉଛନ୍ତି।

## ୫୦ ଦିନ ପରେ ମୁକୁଳିଲେ ଅରବିନ୍ଦ କେଜ୍ରିୱାଲ

ନୂଆଦିଲ୍ଲୀ, ୧୦/୫ : ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପ୍ରାୟ ୫୦ ଦିନ ପରେ ଆଜି ମୁକୁଳିଛନ୍ତି। ଆଜି ସନ୍ଧ୍ୟାରେ କେଜ୍ରିୱାଲ ତିହାର ଜେଲରୁ ବାହାରିଛନ୍ତି। ସୁପ୍ରିମକୋର୍ଟ ଆଜି ଅପରାହ୍ନରେ କେଜ୍ରିୱାଲଙ୍କୁ ଜୁନ ୧ ଯାଏ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ କେଜ୍ରିୱାଲ ୫୦ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ଦାଖଲ କରି ଜେଲରୁ ଖଲାସ ହୋଇଛନ୍ତି। କେଜ୍ରିୱାଲ ପ୍ରଥମେ ତିହାର ଜେଲର ନଂ ୨ ସେଲରୁ ବାହାରିଥିଲେ। ଏହାପରେ ଗେଟ ନମ୍ବର ୪ ଦେଇ ବାହାରକୁ ଆସିଥିଲେ। ସୁପ୍ରିମକୋର୍ଟଙ୍କ ଜାମିନ ନିର୍ଦ୍ଦେଶର କପି ସନ୍ଧ୍ୟା ପୂର୍ବରୁ ତିହାର ଜେଲ



କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିଥିଲା। ଏହାକୁ ଯାଞ୍ଚ କରିବା ପରେ କେଜ୍ରିୱାଲଙ୍କୁ ଜେଲରୁ ଛଡ଼ା ଯାଇଛି। କେଜ୍ରିୱାଲଙ୍କ ଜାମିନ ନିର୍ଦ୍ଦେଶ ପରେ ମିଠା ବାଣ୍ଟି ଉତ୍ସବ ପାଳିଥିବା ଶତାଧିକ ଆପ କର୍ମୀ ଆଜି ତିହାର ଜେଲ ବାହାରେ ମଧ୍ୟ ଏକାଠି ହୋଇଥିଲେ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ସିଂହ ମାନ ମଧ୍ୟ କେଜ୍ରିୱାଲଙ୍କୁ ସ୍ୱାଗତ କରିବା ପାଇଁ ତିହାର ଜେଲ ବାହାରେ ପହଞ୍ଚିଥିଲେ। ଜେଲ ଭିତରୁ କେଜ୍ରିୱାଲ ସ୍ୱତନ୍ତ୍ର କନଭୟରେ ସିଧା ଘରକୁ ଯାଇଥିଲେ। କେଜ୍ରିୱାଲଙ୍କ ବାସଭବନ ବାହାରେ ମଧ୍ୟ ତାଙ୍କୁ ସ୍ୱାଗତ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ଆପ କରିଥିଲା। ଜାମିନ ମିଳିଥିଲେ ହେଁ ଆପ୍ ମୁଖ୍ୟ କେଜ୍ରିୱାଲ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଅଫିସ କିମ୍ୱା ଦିଲ୍ଲୀ ସଚିବାଳୟକୁ ଯାଇ ପାରିବେ ନାହିଁ। କିନ୍ତୁ ସେ ଲୋକସଭା ନିର୍ବାଚନ ପାଇଁ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରଚାର କରିପାରିବେ। ସେ ଜାମିନରେ ଥିବା ବେଳେ ଉପ ରାଜ୍ୟପାଳ ଭିକେ ସକ୍ସେନାଙ୍କ ବିନା ଅନୁମତିରେ କୌଣସି ସରକାରୀ ଫାଇଲରେ ଦସ୍ତଖତ କରିପାରିବେ ନାହିଁ। ଦିଲ୍ଲୀ ଅବକାରୀ ନୀତି ମାମଲା କିମ୍ବା ତାଙ୍କ ବିରୋଧରେ ଥିବା ଅଭିଯୋଗ ସମ୍ପର୍କରେ ସେ ▶▶ପୃଷ୍ଠା ୭

## ଆଜିଠୁ ଖୋଲିବ କେଦାରନାଥ ଧାମ: ୪୦ କ୍ୱିଣ୍ଟାଲ ଫୁଲରେ ସଜା ହୋଇଛି ମନ୍ଦିର

ନୂଆଦିଲ୍ଲୀ, ୧୦/୫ : ଆଜିଠୁ ଖୋଲିବ ଉତ୍ତରାଖଣ୍ଡର କେଦାରନାଥ ଧାମ। ପୂଜାର୍ଚ୍ଚନା ଓ ମନ୍ତ୍ରଧ୍ୱନୀରେ କମ୍ପିବ ପରିବେଶ। ଏଥିଲାଗି ସରିଛି ସମସ୍ତ ପ୍ରସ୍ତୁତି। ମନ୍ଦିର ପରିସରକୁ ସଫା କରାଯିବା ସହ ଫୁଲରେ ସଜାଯାଇଛି। ଗୌରୀକୁଣ୍ଡରୁ ବାବାଙ୍କ ଚଳନ୍ତି ପ୍ରତିମାକୁ କେଦାରନାଥ ଅଭିମୁଖେ ନିଆଯାଇଛି। ଘଣ୍ଟଘଣ୍ଟା ଧ୍ୱନି ମଧ୍ୟରେ ବାବାଙ୍କ ଚଳନ୍ତି ପ୍ରତିମାକୁ



ଶ୍ରଦ୍ଧାଳୁମାନେ ସୁସଜ୍ଜିତ ବିମାନରେ କାନ୍ଧେଇ ନେଇଥିଲେ। କେଦାରନାଥଙ୍କ ଦର୍ଶନ ଲାଗି ସୋନପ୍ରୟାଗ ଏବଂ ଗୌରୀକୁଣ୍ଡ ଅଞ୍ଚଳରେ ▶▶ପୃଷ୍ଠା ୭

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ ପାଳିତ

ଜୟପୁର, ୧୦/୫ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ନୋବେଲ ପୁରସ୍କାର ବିଜେତା ତଥା ସାଂସ୍କୃତିକ ଖ୍ୟାତିସମ୍ପନ୍ନ ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ ଗତ ୮ ମଇ ୨୦୨୪ ରେ ପାଳିତ ହୋଇଯାଇଛି। ଏହି ଅବସରରେବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଟାଗୋରଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଲିତା, ସମାଜବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ତଥା ମୁଖ୍ୟ ଡ. କପିଳା ଖେମୁଣ୍ଡୁ ଏବଂ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ଡ. କାକୋଳି ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।
ଉତ୍ସବରେ ଅଧ୍ୟକ୍ଷତା କରି ପ୍ରଫେସର ତ୍ରିପାଠୀ ଟାଗୋରଙ୍କ ଦୂରଦୃଷ୍ଟି, ଦର୍ଶନ ଏବଂ ଦେଶର ନିରନ୍ତର ବିକାଶ ପାଇଁ ଉଦ୍ଦିଷ୍ଟ ଶିକ୍ଷାଗତ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଟାଗୋରଙ୍କ ପ୍ରସିଦ୍ଧ କୃତି ଗୀତାଞ୍ଜଳିକୁ ଉଦାହରଣ ଦେଇ ସେ କହିଥିଲେ, ଗୀତାଞ୍ଜଳିରେ ଟାଗୋରଙ୍କ ଲେଖା ଦେଖି ସମଗ୍ର ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ବିଶ୍ୱଗୁରୁ ରବୀନ୍ଦ୍ରନାଥ କବିତା ଆକାରରେ ଗୀତାଞ୍ଜଳିର ଶବ୍ଦ ମାଧ୍ୟମରେ ଆମ ସମାଜର ସାର ଏବଂ ଆମ ଦେଶର ଭାବମୂର୍ତ୍ତିକୁ ଆଲୋକିତ କରିଥିଲେଝ ପ୍ରଫେସର ତ୍ରିପାଠୀ ଟାଗୋରଙ୍କ ବିଶ୍ୱଭାରତୀ, ଶାନ୍ତିନିକେତନ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ସାମାଜିକ ମୂଲ୍ୟବୋଧ ଏବଂ ଗ୍ରାମ୍ୟ ଜୀବନର ଉନ୍ନତି ଉପରେ ଆଧାରିତ ଏକ ଶାନ୍ତିପୂର୍ଣ୍ଣ ଏବଂ ବିକଶିତ ବିଶ୍ୱର ପରିକଳ୍ପନା କରିଥିଲା। ସେ ଜଣେ ଉଚ୍ଚ କୋଟିର କବି, ଲେଖକ, ନାଟ୍ୟକାର, ସଙ୍ଗୀତକାର, ଦାର୍ଶନିକ, ସମାଜ ସଂସ୍କାରକ ଓ ଚିତ୍ରଶିଳ୍ପୀ ବୋଲି ପ୍ରଫେସର ତ୍ରିପାଠୀ କହିଥିଲେ।
ପ୍ରଫେସର ଏସ୍ କେ ପାଲିତା ଭାରତ ଓ ବିଶ୍ୱ ପ୍ରତି ଟାଗୋରଙ୍କ ଗଭୀର ଅବଦାନ ବିଶେଷ କରି ଉଚ୍ଚଶିକ୍ଷାର ଏକ ପ୍ରତିଷ୍ଠିତ ଅନୁଷ୍ଠାନ ବିଶ୍ୱଭାରତୀ ପ୍ରତିଷ୍ଠା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସହ ଟାଗୋରଙ୍କ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଡକ୍ଟର ଖେମୁଣ୍ଡୁ ଟାଗୋରଙ୍କ ଶିକ୍ଷା ଦର୍ଶନ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ, ଯାହା କି ୨୦୨୦ର ଜାତୀୟ ଶିକ୍ଷା ନୀତି (ଏନଇପି)ରେ ପ୍ରତିଫଳିତ ହୋଇଥିଲା। ଡ. ବାନାର୍ଜୀ ଜଣେ ବିଶିଷ୍ଟ ପରିବେଶବିତ୍ ଭାବରେ ଟାଗୋରଙ୍କ ଅବଦାନ ବିଷୟରେ କହିଥିଲେ ଏବଂ ତାଙ୍କର କିଛି ଲୋକପ୍ରିୟ ରଚନାର ପରିବେଷଣ ଦ୍ୱାରା ଦର୍ଶକଙ୍କୁ ଆକର୍ଷିତ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଡାକ୍ତର ସୌରଭ ଗୁପ୍ତା, ସଂସ୍କୃତ ବିଭାଗର ଡ. ଦେବାଶିଷ କର୍ମାକର, ଶିକ୍ଷା ବିଭାଗର ଅତିଥି ଶିକ୍ଷକ ଡ. ପାର୍ଥ ପ୍ରତିମ ଦାସ, ଓଡ଼ିଆ ବିଭାଗର ଡ. ଗଣେଶ ପ୍ରସାଦ ସାହୁ ଓ ଇଂରାଜୀ ବିଭାଗର ଡ. ପ୍ରସେନଜିତ ସିହ୍ନାଙ୍କ ସମେତ ଅଧ୍ୟାପକ ସେମାନଙ୍କ ମତ ରଖିଥିଲେ।
ଆସୋସିଏଟ୍ ପ୍ରଫେସର ତଥା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆସୋସିଏଟ୍ ପ୍ରଫେସର ତଥା ହିନ୍ଦୀ ବିଭାଗମୁଖ୍ୟ ଡ. ଚକ୍ରଧର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର ?ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକମାନେ ଉପସ୍ଥିତ ରହି ଟାଗୋରଙ୍କ ସ୍ଥାୟୀ ପରମ୍ପରାକୁ ସ୍ମରଣ କରିବାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଏହି କାର୍ଯ୍ୟକ୍ରମ ପାଇଁ ସମନ୍ୱୟ ଓ ସହଯୋଗ ପ୍ରଦାନ କରି ଏହାର ସଫଳ ରୂପାୟନ କରିଥିଲେ।

# କରୁକୋଣ୍ଡା ବ୍ଲକରେ ଭୁଷୁଡୁଛି କଂଗ୍ରେସ ଗଡ଼

ମାଲକାନଗିରି, ୧୦/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କରୁକୋଣ୍ଡା ବ୍ଲକରେ ଗତ ଏକ ସପ୍ତାହ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ରେ ୫୦୦ ରୁ ଉର୍ଦ୍ଧ୍ୱ କଂଗ୍ରେସ ନେତା ବିଜେଡିରେ ସାମିଲ ହେଲେଣି। ଗୁରୁବାର ପୋଟ୍ରେଲ ପଂଚାୟତର ମହିଳା ଯୁବକଙ୍କ ସହ ସତୁରୀରୁ ଅଧିକା କଂଗ୍ରେସ ନେତା ବିଜେଡି ରେ ସାମିଲ ହୋଇଛନ୍ତି। ପଂଚାୟତର ଗାଁ ମିଟିଙ୍ଗ ସ୍ଥଳରେ ଆଜି ସତୁରୀରୁ ଅଧିକା କଂଗ୍ରେସ ନେତା କର୍ମୀ ସାମିଲି ହୋଇଛନ୍ତି। ସେମାନେ କହିଛନ୍ତି କଂଗ୍ରେସ କୁ ସମର୍ଥନ କରି ଏତେ ବର୍ଷ ରହିଲୁ କିନ୍ତୁ ଏବେ ବୁଝିଲୁ ନବୀନ ପଟ୍ଟନାୟକ ଆମ ର ସବୁ ସୁବିଧା କରିଦେଇଛନ୍ତି ତେଣୁ ତାଙ୍କ ଆଦର୍ଶରେ ଅନୁ ପ୍ରାଣୀତ ହୋଇ ବିଜେଡିରେ ମିଶିଲୁ। ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ନରେଶ ମହାନ୍ତି, ଜିଲ୍ଲା ଉପ ସଭାପତି ତଥା କରୁକୋଣ୍ଡା ସଂଯୋଜକ ନୃସିଂହ ମହାନ୍ତି ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ଭିତରେ ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ, ପୂର୍ବତନ ମହିଳା ସଭାପତି ସୁନ୍ଦରାମ ଗାଛା, ପୋଟ୍ରେଲ ପଂଚାୟତ ର ସରପଂଚ, ସଭାପତି ଦେବା ମାଡକାମୀ, ମଦନ ଖୋସାଲ, ସୋମନାଥ ବାରସେ ପ୍ରମୁଖ ବହୁ ନେତା ଉପସ୍ଥିତ ଥିଲେ।

# ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ସାଗର ଚରଣ ଦାସଙ୍କ ଜୋରସୋର୍ ପ୍ରଚାର

ଭବାନୀପାଟଣା, ୧୦/୫ (ନି.ପ୍ର): ପ୍ରବଳ ଗ୍ରୀଷ୍ମ ଖରା ତାତିରେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସାଗର ଚରଣ ଦାସଙ୍କ ଜୋରସୋର ପ୍ରଚାର ସହ ସହ କଂଗ୍ରେସ କର୍ମୀ ମାନଙ୍କୁ ନେଇ ମିଲକି ଅଂଚଳକୁ ପ୍ରଚାର କରି ଘରେ ଘରେ ହାତ ଚିହ୍ନରେ ଭୋଟ ଦେବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି। ତାଙ୍କର ଅଂଚଳବାସୀ ତଥା ନିର୍ବାଚନୀ ପ୍ରସଙ୍ଗରେ ବେକାରୀ ସମସ୍ୟା, ପାନୀୟ ଜଳ ଯୋଗାଣ, ରାସ୍ତା ଘାଟ ସମେତ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ପ୍ରକାଶ କରିଥିଲେ। ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ଦଳ ମଧ୍ୟରେ ବିଜେଡି ଦଳରୁ ଲଳିତା ନାଏକ, ବିଜେପି ଦଳରୁ ପ୍ରଦୀପ୍ତ କୁମାର ନାଏକଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦୀ ହେବାର ଜଣାଯାଏ। ତିନି ଦଳର ପ୍ରାର୍ଥୀ ମାନେ ଖରାର ତାତିରେ ଭୃକ୍ଷେପ ନକରି ଗାଁ ଗାଁ ଯାଇ ଭୋଟ ଭିକ୍ଷା କରୁଛନ୍ତି। ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ରାଜନୀତି ତାତି ଜୋର ଧରିଛି। ଦେଖାଯାଉ ଆସନ୍ତା ୧୩ ତାରିଖରେ ଭୋଟର କାହାକୁ ଭୋଟ ଦେଉଛନ୍ତି ଓ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି।

# ବିଶ୍ୱ ରେଡକ୍ରସ ଦିବସ ପାଳିତ

ଭୁବନ, ୧୦/୫ (ନି.ପ୍ର): ଭୁବନ ମହିଳା ହାୟର ସେକେଣ୍ଡାରୀ ସ୍କୁଲରେ ୟୁଥ୍ ରେଡକ୍ରସ ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। କାଉନସିଲର ନମିତା ଦ୍ୱିବେଦୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧକ୍ଷା ସୃପ୍ତିମୟୀ ସେନ ବିଶ୍ୱ ରେଡକ୍ରସ ଦିବସ ପାଳନ ର ତାତ୍ପର୍ଯ୍ୟ ଓ ରେଡକ୍ରସ ପ୍ରତିଷ୍ଠାତା ହେନେରି ଡୁନାଡଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶାନ୍ତନୁ କୁମାର ମିଶ୍ର,ଅଧ୍ୟାପକ ସୁଧାଂଶୁ ଶେଖର ଓଝା, ଅଧ୍ୟାପିକା ମଞ୍ଜୁସା ମଞ୍ଜରୀ ମିଶ୍ର, ପ୍ରଣତି ବେହେରା, ବିଜୟ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ରେଡକ୍ରସ ପ୍ରତିଷ୍ଠାତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁରୂପ ଭାବେ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ୟୁଥ୍ ରେଡକ୍ରସ ଆନୁକୁଲ୍ୟରେ ଅଧକ୍ଷ ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ରେଡକ୍ରସ ଦିବସ ପାଳିତ ହୋଇଯାଇଛି।

# ଖଜୁରି ବନ୍ଧକୁ ସଫେଇ କଲା ପୌର ପ୍ରଶାସନ

ଜୟପୁର, ୧୦/୫ (ନି.ପ୍ର): ଜୟପୁର ସହର ଖଜୁରି ବନ୍ଧକୁ ସଫେଇ କଲା ପୌର ପ୍ରସାସନ। ପଙ୍କ ଓ ଆବର୍ଜନା ଭର୍ତି ହୋଇ ରହିଥିବା ଖଜୁରି ବନ୍ଧକୁ ସଫେଇ କରାଯାଇଛି। ଖଜୁରୀ ବନ୍ଧ ସହ ବିଜୁ ପଟ୍ଟନାୟକ ଶାନ୍ତି ଉଦ୍ୟାନ ରହିଛି। ରାତ୍ର ହେଲେ ଆଲୋକି କରଣ ତହଲୁଥିବା ବେଳେ ଆବର୍ଜନା ଓ ପଙ୍କ ରେ ଭର୍ତି ହୋଇଥିଲା ଖଜୁରି ବନ୍ଧ। ରାତ୍ର ହେବା ମାତ୍ରେ ଶହ ଶହ ଲୋକଙ୍କ ଭିଡ ଜମୁଥିବା ବେଳେ ବନ୍ଧରେ ଆବର୍ଜନା ଭର୍ତି ରହିଥିଲା। ଏନେଇ ଅଭିଯୋଗ ପାଇବା ପରେ ପୌର ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ରହି ସଫେଇ କରିଛନ୍ତି। ଯାହାକୁ ଜୟପୁର ବାସି ସ୍ୱାଗତ କରିବା ସହ ଶାନ୍ତି ଉଦ୍ୟାନକୁ ଆସୁଥିବା ଲୋକେ ମଧ୍ୟ ଖୁସି ପ୍ରକଟ କରିଛନ୍ତି।

# ମହାନଦୀରେ ପାଣି ଶୁଖିବା ନେଇ ତେଜୁଛି ରାଜନୀତି

ସମ୍ବଲପୁର, ୧୦/୫ (ନି.ପ୍ର): ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଥିବା ବିଜେପି ନେତାଙ୍କ ମିଛ ଧରାପଡିଛି। ମହାନଦୀ ଶୁଖିଲା ପଡିଛି ବୋଲି ବାରମ୍ବାର ଛାତିପିଟି ହେଉଥିବା ବିରୋଧୀ ଦଳ ଭଲ ଭାବରେ ଜାଣିଛନ୍ତି ମହାନଦୀ ଧାରା ଶୁଖିବାର କାରଣ କ'ଣ। କେବଳ ନିର୍ବାଚନ ସମୟରେ ଏହାକୁ ମିଛ ପ୍ରସଙ୍ଗ କରି ଫାଇଦା ନେବାକୁ ଚେଷ୍ଟା କରୁଛନ୍ତି। ମହାନଦୀର ଉପରମୁଣ୍ଡରେ ଥିବା ଛତିଶଗଡ଼ ରାଜ୍ୟରେ ବ୍ୟାରେଜ ନିର୍ମାଣ କରି ପାଣିକୁ ଅଟକାଇ ଦିଆଯାଉଛି। ଯାହା ଫଳରେ ଓଡ଼ିଶାରେ ପାଣି ପ୍ରବେଶ କରିପାରୁନାହିଁ। ଯେହେତୁ ଛତିଶଗଡ଼ରେ ବର୍ତମାନ ବିଜେପି ଦଳର ସରକାର ଶାସନ କରୁଛି। ସେମାନଙ୍କ ବିରୋଧରେ ପଦେ କଥା କହିବାକୁ କୁନ୍ଥୁକୁନ୍ଥୁ ହେଉଛନ୍ତି ଓଡ଼ିଶାର ବିଜେପି ନେତା। ଅପରପକ୍ଷେ ଓଡ଼ିଶାରେ ନିର୍ବାଚନ ସମୟ ରହିଥିବାରୁ ଏହାକୁ ଏକ ପ୍ରସଙ୍ଗ ଭାବରେ ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତିବୋଲି କହିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି। ଶୁଖିଗଲାଣି ମହାନଦୀର ଜଳଧାରା। ଉପରମୁଣ୍ଡରୁ ଆସୁନି ପାଣି। ଛତିଶଗଡ଼ରେ ବିଜେପି ସରକାର ଗଠନ ହେବାପରେ ସମସ୍ତ ବ୍ୟାରେଜର ଗେଟ୍ ବନ୍ଦକରି ମହାନଦୀର ପାଣିକୁ ଅଟକାଇ ରଖିଦିଆଯାଇଛି। ଏପଟେ ଓଡ଼ିଶାର ବିଜେପି ନେତା ରାଜ୍ୟସରକାରଙ୍କୁ ଦୋଷ ଲଦି ହୀନ ରାଜନୀତି କରିବାରେ ମାତିଛନ୍ତି। ସୂଚନାଯୋଗ୍ୟ ଯେ ଛତିଶଗଡ଼ରେ ବିଜେପିର ସରକାର ଗଠନ ହେଲାପରେ ମହାନଦୀର ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି। ମେ' ମାସ ପ୍ରଥମ ସପ୍ତାହରୁ ହୀରାକୁଦ ଜଳଭଣ୍ଡାରକୁ ମାତ୍ର ୩୩୦ କ୍ୟୁସେକ୍ ଜଳ ପ୍ରବେଶ ହେଉଛି। ଯାହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ। ବର୍ତମାନ ଓଡ଼ିଶାର ଚାଷଜମିକୁ ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ ପାଇଁ ୧୦ ହଜାର କ୍ୟୁସେକ ଜଳ ପ୍ରବେଶର ନିତାନ୍ତ ଆବଶ୍ୟକତା ରହିଛି। ହେଲେ ଉପରମୁଣ୍ଡରେ ଛତିଶଗଡ଼ ସରକାର ମହାନଦୀର ସମସ୍ତ ବ୍ୟାରେଜ୍‌କୁ ବନ୍ଦ କରି ରଖିଛି। ପରିସ୍ଥିତି ଏମିତି ହେଇଛି ଯେ ମହାନଦୀରେ ଜଳଧାରଟିଏ ଦେଖିବାକୁ ମିଳୁନାହିଁ। ଏପଟେ କିନ୍ତୁ ମହାନଦୀ ପ୍ରସଙ୍ଗରେ ହୀନ ରାଜନୀତି କରି ରାଜ୍ୟସରକାରଙ୍କୁ ଦୋଷ ଲଦିବାରେ ବ୍ୟସ୍ତ ଓଡ଼ିଶା ଓ ସମ୍ବଲପୁରର ବିଜେପି ନେତା। ଘର ଭିତରେ ବସି ମହାନଦୀ ପ୍ରସଙ୍ଗରେ ପ୍ରଶ୍ନ ତିଆରି କରୁଥିବା ବିଜେପି ନେତା, ଏ ହୀନ ରାଜନୀତି କରିବା ପୂର୍ବରୁ ଯାଆନ୍ତୁ ହୀରାକୁଦ ଆଡୁ ଟିକିଏ ବୁଲି ଆସିବେ। ମହାନଦୀ କାହା ପାଇଁ ମରୁଛି ଅନ୍ତତଃ ଆପଣଙ୍କର ହୃଦବୋଧ ହେବ ବୋଲି କଡ଼ା ସମାଲୋଚନା କରିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି। ପୂର୍ବରୁ ଛତିଶଗଡ଼ରେ କଂଗ୍ରେସ ସରକାର ଥିବା ସମୟରେ ବିଜେପି ଦୋଷ ଲଦୁଥିଲା। ବର୍ତମାନ କାହାକୁ ଦୋଷ ଦେବେ ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ସମ୍ପର୍କରେ ମୁହଁ ଖୋଲିବେନି। କାରଣ ସମ୍ବଲପୁରରୁ ହାରିବା ପରେ ଥଇଥାନ ହେବାକୁ ସେ ଛତିଶଗଡ଼ କିମ୍ବା ମଧ୍ୟପ୍ରଦେଶ, ଉତର ପ୍ରଦେଶକୁ ଯିବେ। ଜନସାଧାରଣଙ୍କ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ରାଜନୈତିକ ଫାଇଦା ପାଇଁ ପାଟି କରୁଥିବା ରାଜନେତା ଥରେ ଚିନ୍ତା କରିବା ଦରକାର ଯେ। ଛତିଶଗଡ଼ ସରକାର ଓଡ଼ିଶାର ଜୀବନରେଖାକୁ ମାରିବାକୁ ଚେଷ୍ଟା କରୁଛି। ହୀରାକୁଦ ଜଳଭଣ୍ଡାରରେ ମାତ୍ର ୩୩୦ କ୍ୟୁସେକ ପାଣି ପ୍ରବାହିତ ହେଉଥିଲେ ହେଁ ଚାଷୀଙ୍କ କ୍ଷେତକୁ ଯାହା ପାଣି ଦରକାର ଯୋଗାଉଛନ୍ତି। ଯଦି ଧର୍ମେନ୍ଦ୍ର ପ୍ରଧାନଙ୍କର ସତସାହାସ ଅଛି ତାହେଲେ ଛତିଶଗଡ଼ ସରକାରଙ୍କୁ ଥରେ ପ୍ରଶ୍ନ କରନ୍ତୁ ତାଙ୍କ ମାଟି ପ୍ରତି ଏ ଅବିଚାର କାହିଁକି ? ନଚେତ୍ ଜନତା ଆପଣଙ୍କୁ କ୍ଷମା କରିବେ ନାହିଁ ବୋଲି କହିଛନ୍ତି ଡ. ଲେନିନ୍ ମହାନ୍ତି।

# ଶୃଙ୍ଖଳିତ ନିର୍ବାଚନ ପରିଚାଳନା ନିମନ୍ତେ କେନ୍ଦୁଝରରେ ୬ ଜଣ ପର୍ଯ୍ୟବେକ୍ଷକ

କେନ୍ଦୁଝର, ୧୦/୫ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଆଗାମୀ ୨୫ ତାରିଖରେ ଏକକାଳୀନ ହେବାକୁ ଯାଉଥିବା ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷିରେ କେନ୍ଦୁଝର (ଅନୁସୂଚିତ ଜନଜାତି) ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୦ –ତେଲକୋଇ (ଅନୁସୂଚିତ ଜନଜାତି ), ୨୧- ଘଷିପୁରା , ୨୨- ଆନନ୍ଦପୁର (ଅନୁସୂଚିତ ଜାତି), ୨୩-ପାଟଣା (ଅନୁସୂଚିତ ଜନଜାତି),୨୪-କେନ୍ଦୁଝର (ଅନୁସୂଚିତ ଜନଜାତି),୨୫-ଚମ୍ପୁଆ ଓ କରଞ୍ଜିଆ (ଅନୁସୂଚିତ ଜନଜାତି)ବିଧାନ ସଭା ମଣ୍ଡଳୀର ନିର୍ବାଚନ ସଂପର୍କିତ ଯେ କୌଣସି ଅଭିଯୋଗ ପାଇଁ ଏଠାରେ ଅବସ୍ଥାପିତ ୬ ଜଣ ପ ର୍ଯ୍ୟବେକ୍ଷକଙ୍କ ସହ ଯୋଗାଯୋଗ ପାଇଁ ସୂଚନା ଦିଆଯାଇଛି। କେନ୍ଦୁଝର ର ପାଟଣା(ଏସ.ଟି),କେନ୍ଦୁଝର (ଏସ.ଟି), ଚମ୍ପୁଆ ଆଦି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ ର୍ଯ୍ୟବେକ୍ଷକ ଭାବେ ମିନହାଜ ଆଲାମ ଆଇ.ଏ.ଏସ.ରହିଛନ୍ତି। ତାଙ୍କୁ ଯୋଗାଯୋଗ ପାଇଁ ମୋବାଇଲ ନଂ-୮୨୪୯୮୨୫୨୨୧ ରହିଛି। ତେଲକୋଇ(ଏସ.ଟି) , ଘଷିପୁରା , ଆନନ୍ଦପୁର (ଏସ.ସି), କରଞ୍ଜିଆ (ଏସ.ଟି) , ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଭାବେ ଆଶିସ ମୋଦି ଆଇ.ଏ.ଏସ. ରହିଛନ୍ତି। ତାଙ୍କର ଯୋଗାଯୋଗ ମୋବାଇଲ ନଂ ୮୨୪୯୮୩୭୬୭୧ ରହିଛି। କେନ୍ଦୁଝର (ଏସ.ଟି) ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ପୋଲିସ ପର୍ଯ୍ୟବେକ୍ଷକ ଭାବେ ରୁପିନ୍ଦର ସିଂହ ଆଇ.ପି.ଏସ. ରହିଥିବା ବେଳେ ତାଙ୍କ ଯୋଗାଯୋଗ ନଂ ୮୩୨୮୮୯୫୪୦୯ ରହିଛି। ଅନୁରୂପ ଭାବେ କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଖର୍ଚ୍ଚ ପ ର୍ଯ୍ୟବେକ୍ଷକ ଭାବେ ରାକେଶ କୁମାର ଦାଶ ଆଇଆରଏସ ରହିଥିବା ବେଳେ ତାଙ୍କ ଯୋଗାଯୋଗ ପାଇଁ ମୋବାଇଲ ନଂ ୭୦୦୮୨୫୭୨୧୫ ରହିଛି। ତେଲକୋଇ , ଘଷିପୁରା , ଆନନ୍ଦପୁର , କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଖର୍ଚ୍ଚ ପ ର୍ଯ୍ୟବେକ୍ଷକ ଭାବେ ରାଜ କମଲ ରଜଂନ ଆଇଏ - ଏସ ରହିଥିବା ବେଳେ ତାଙ୍କ ଯୋଗାଯୋଗ ନଂ ୭୯୭୮୩୫୨୧୯୨ ରହିଛି। ପାଟଣା , କେନ୍ଦୁଝର , ଚମ୍ପୁଆ ଆଦି ବିଧାନ ସଭା ନିର୍ବାଚନ ମଣ୍ଡଳୀପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷ ଭାବେ ଇନ୍ଦନା ଅଶୋକ କୁମାର ଆଇଆରଏସ ରହିଥିବା ବେଳେ ତାଙ୍କ ସହ ଯୋଗା ଯୋଗ ପାଇଁ ମୋବାଇଲ ନଂ ୭୯୭୮୦୯୦୧୪୩ ରହିଛି। ଅନ୍ୟ ପକ୍ଷରେ ମିଳିଥିବା ଶେଷ ଖବରନୁଶାରେ କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀ ସହ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଯାଚଂ ପରେ ବୈଧ ଘୋଷିତ କୌଣସି ପ୍ରାର୍ଥି ସେମାନଙ୍କର ପ୍ରାର୍ଥି ପତ୍ର ପ୍ରତ୍ୟାହାର କରିନଥିବା ସୂଚନା ମିଳିଛି।

# ଶ୍ରମଜୀବି ଓ ମହିଳା ଶ୍ରମଜୀବି ସଂଗଠନ ତରଫରୁ ଆଶାୟୀ ପ୍ରାର୍ଥୀ ପ୍ରାର୍ଥୀନୀ ମାନଙ୍କୁ ଜନ ଇସ୍ତାହାର ଏବଂ ସମ୍ମତି ପତ୍ର ପ୍ରଦାନ

ମାଲକାନଗିରି, ୧୦/୫ (ନି.ପ୍ର): ରାଜ୍ୟ ସ୍ତରୀୟ ଲୋକସଂଗଠନ ସମୂହ ଓଡିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜୀବି ମଂଚ, ଓଡ଼ିଶାର ସଦସ୍ୟ ସଂଗଠନ ଭାବେ ସ୍ଥାନୀୟ ଲୋକସଂଗଠନ ଶ୍ରମଜୀବି ସଂଗଠନ ଓ ମହିଳା ଶ୍ରମଜୀବି ସଂଗଠନ, ମାଲକାନଗିରି ର ସମସ୍ତ ଆଦିବାସୀ, ଦଳିତ ଓ ପଛୁଆ ବର୍ଗର ବାସିନ୍ଦା ଗଣ ଆସନ୍ତା ତା ୧୩.୫.୨୦୨୪ ରିଖ ଦିନ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଜନ ଇସ୍ତାହାର ପ୍ରସ୍ତୁତ କରାଯାଇଛି। ଏଥିରେ ୧୭ ଗୋଟି ଜିଲ୍ଲାରେ ଥିବା ୨୦ ଗୋଟି ଲୋକସଂଗଠନ ଓଡ଼ିଶାର ୧୦୨ ଟି ବ୍ଲକ ଏବଂ ୧୧ଶହରୁ ଅଧିକ ଗ୍ରାମପଂଚାୟତ ମାଧ୍ୟମରେ ଲୋକମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଲାଗି ୧୧ ହଜାରରୁ ଅଧିକ ଗ୍ରାମ ମାନଙ୍କରେ ପହଂଚି ସ୍ଥାନୀୟ ଲୋକମାନଙ୍କ ସମସ୍ୟା ଏବଂ ଆବଶ୍ୟକତାକୁ ଭିତିକରି ଜନ ଇସ୍ତାହାର ପ୍ରସ୍ତୁତ କରାଯାଇଛି। ପ୍ରସ୍ତୁତ ଇସ୍ତାହାରରେ ନିମ୍ନଲିଖିତ ବିଷୟବସ୍ତୁ ଗୁଡିକ ସ୍ଥାନ ପାଇଛି ଯଥା - ମନରେଗା, କୃଷି, ଖାଦ୍ୟ ନିରାପତା, ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଜନଜାତି, ଜଙ୍ଗଲ, ଜମି, ମହିଳା, ଦଳିତ, ସାମାଜିକ ସୁରକ୍ଷା, ପଂଚାୟତରାଜ, ଅଙ୍ଗନବାଡି, ଯୁବଗୋଷ୍ଠୀ, ତୃତୀୟ ଲିଙ୍ଗ, ଶିଶୁ ଏବଂ ମାନବ ଅଧିକାର ଏହିପରି ୧୮ ଗୋଟି ବିଷୟ ବସ୍ତୁରୁ ୨୪୧ ଗୋଟି ଦାବୀ ସମୂହ ଉଲ୍ଲେଖ କରାଯାଇଛି। ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ସମସ୍ତ ରାଜନୈତିକ ଦଳ ଗୁଡିକର ଆଶାୟୀ ପାର୍ଥି ପାର୍ଥିନୀ ମାନଙ୍କୁ ଏହି ଜନ ଇସ୍ତାହାର ପୁସ୍ତକଟି ପ୍ରଦାନ କରିବା ସହିତ ସମ୍ମତି ପତ୍ରରେ ସ୍ୱାକ୍ଷର କରାଯାଇଛି। ଏହି ଜନ ଇସ୍ତାହାର ଏବଂ ସମ୍ମତି ପତ୍ର ବିଜେଡି, ବିଜେପି, କଂଗ୍ରେସ, ବହୁଜନ ସମାଜ ପାର୍ଟି ଏବଂ ଅନ୍ୟାନ୍ୟ ପାର୍ଟି ମାନଙ୍କର ଆଶାୟୀ ପ୍ରାର୍ଥୀ ପ୍ରାର୍ଥୀନୀ ମାନଙ୍କ ମଧ୍ୟରୁ ପାର୍ଥୀ ମାନସ ମାଡ଼କାମୀ, ମାଲା ମାଢି, ଡମ୍ବରୁ ଶିଶା, ମଙ୍ଗୁ ଖିଲ, ରାଜେନ୍ଦ୍ର ପଲାସୀ, ଘେନୁ ମୁଦୁଲି, ପଦିଆ ମାଡ଼କାମୀ, ନରସିଂ ମାଡ଼କାମୀ, ଲକ୍ଷ୍ମୀ ପ୍ରିୟା ନାୟକ ଏବଂ ସାଂସଦ ପାର୍ଥୀ ଭୁଜବଳ ମାଝୀ ପ୍ରମୁଖଙ୍କୁ ବର୍ତମାନ ସୁଦ୍ଧା ପ୍ରଦାନ କରାଯାଇଛି। ତତସହିତ ସାମ୍ବାଦିକ , ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ ମାନଙ୍କୁ ମଧ୍ୟ ଏହି ଇସ୍ତାହାର ପୁସ୍ତକ ପ୍ରଦାନ କରାଯାଇଛି।
ଉକ୍ତ ଜନ ଇସ୍ତାହାର ପ୍ରଦାନ କାର୍ଯ୍ୟକ୍ରମରେ ଶ୍ରମଜୀବୀ ଓ ମହିଳା ଶ୍ରମଜୀବୀ ସଂଗଠନ ର ସଦସ୍ୟ ସଦସ୍ୟା ମାନଙ୍କ ସମେତ ସଂଗଠନର କର୍ମକର୍ତା ଯେପରି ମୁକୁନ୍ଦ ମାଡ଼କାମୀ, ରାମ ବଡ଼ନାୟକ, ସୀତାରାମ ଦୁରୁଆ, ମଦନ ହନ୍ତାଳ, ଗୋବର୍ଦ୍ଧନ ପାଙ୍ଗି, ତ୍ରିନାଥ ବଡ଼ନାୟକ, ଦଇନା ମାଡ଼କାମୀ, ସାଲିନା ପାଙ୍ଗି, ଶୁଭଶ୍ରୀ ମାଢି, ଜିତେନ୍ଦ୍ର ଖିଲ, ଗୌରାଙ୍ଗ ଅଧିକାରୀ, ରାଜେନ୍ଦ୍ର ମାଡକାମୀ, ଚିତରଞ୍ଜନ ସାହୁ, ବଟକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭାରତୀୟ ପୋଲିସ ସେବା ଶିକ୍ଷାନବିଶମାନଙ୍କୁ ନିର୍ବାଚନ ପରିଚାଳନା ସମ୍ବନ୍ଧରେ ସୂଚିତ କଲେ ସିଇଓ

ଭୁବନେଶ୍ୱର, ୧୦/୫ (ନି.ପ୍ର): ଭାରତୀୟ ପୋଲିସ ସେବା (ଆର. ଆର.-୨୦୨୩)ର ୫୭ ଜଣ ଶିକ୍ଷାନବିସ ଅଧିକାରୀ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଠାରୁ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ପରିଚାଳନା ସମ୍ବନ୍ଧରେ ଅବଗତ ହୋଇଛନ୍ତି। ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶିକ୍ଷାନବିସ ଅଧିକାରୀମାନଙ୍କୁ ନିର୍ବାଚନ ପରିଚାଳନାର ବିଭିନ୍ନ ଦିଗ ବିଷୟରେ ଅବଗତ କରାଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥ ମିଡ଼ିଆ ସେଂଟରରେ ଅନୁଷ୍ଠିତ ହୋଇଥିବା ସଭାରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସମସ୍ତ ଶିକ୍ଷାନବିସ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ଶ୍ରୀ ଧଳ ନିର୍ବାଚନ ପ୍ରକ୍ରିୟାର ତୃଣମୂଳ ସ୍ତରରୁ ଆଲୋଚନା କରି ମତଦାତା ତାଲିକାରେ କିପରି ସମସ୍ତ ବର୍ଗ ଓ ଅଂଚଳର ମତଦାତାମାନଙ୍କୁ ସାମିଲ କରି ଏକ ସମାବେଶୀ ମତଦାତା ତାଲିକା ପ୍ରସ୍ତୁତ କରାଯାଇଛି ତାହା ଦର୍ଶାଇଥିଲେ। ସାଧାରଣ ନିର୍ବାଚନ-୨୦୨୪ ପାଇଁ ପ୍ରଥମ ଥର ମତଦାତା , ଯୁବ ମତଦାତା, ମହିଳା, ତୃତୀୟ ଲିଙ୍ଗ ଓ ଅନ୍ୟାନ୍ୟ ସମସ୍ତ ବର୍ଗର ମତଦାତାମାନଙ୍କୁ ମିଶାଇ ୩.୩୬ କୋଟି ମତଦାତାଙ୍କର ଏକ ସମ୍ମିଳିତ ତାଲିକା ପ୍ରସ୍ତୁତ କରାଯାଇଛି। ବିଏଲ୍‌ଓ ମାସ୍‌କଟ୍ 'ମିତାଦିଦି' ବିଷୟରେ ଆଲୋଚନା କରି ଶ୍ରୀ ଧଳ ସେମାନଙ୍କୁ 'ବୁଥ୍ ସ୍ତରର ଅଧିକାରୀ: ଗଣତନ୍ତ୍ରର ପ୍ରହରୀ' ରୂପେ ଅଭିହିତ କରିଥିଲେ। ଏହି ଅବସରରେ ଓଡ଼ିଶାର ମତଦାତା ଲିଙ୍ଗ ଅନୁପାତ ୯୭୪କୁ ବୃଦ୍ଧି ପାଇଁ କରାଯାଇଥିବା ପ୍ରୟାସକୁ ଶିକ୍ଷାନବିସ ଅଧିକାରୀମାନେ ଭୂୟସୀ ପ୍ରଶଂସା କରିଥିଲେ। ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରି ମୁଖ୍ୟ ନିର୍ବାଚନ ଅଧିକାରୀ ସାଧାରଣ ପ୍ରଶାସନ ଓ ପୋଲିସ ପ୍ରଶାସନ କିଭଳି ଭାବରେ ସମସ୍ତ ସ୍ତରରେ ଏକ ଟିମ୍ ଭଳି କାର୍ଯ୍ୟ କରୁଛନ୍ତି, ତାହା ଅବଗତ କରାଇଥିଲେ। ମାଓପ୍ରବଣ ଅଞ୍ଚଳରେ ନିର୍ବାଚନ ପାଇଁ କେଉଁସବୁ ବିଶେଷ ବ୍ୟବସ୍ଥା କରାଯାଇଛି, ତାହା ଆଲୋଚନା ହୋଇଥିଲା। ଏବେ ଯେହେତୁ ସମସ୍ତ ଶିକ୍ଷାନବିସ ପୋଲିସ ଅଧିକାରୀ ଗଞ୍ଜାମ, ଗଜପତି, କଳାହାଣ୍ଡି, ରାୟଗଡ଼ା, ନୂଆପଡ଼ା, ମାଲକାନଗିରି, ନବରଙ୍ଗପୁର ଆଦି ୮ଟି ଜିଲ୍ଲାରେ ଟ୍ରେନିଂ ପ୍ରାପ୍ତ ହେବେ, ସେମାନଙ୍କୁ ତୃଣମୂଳ ସ୍ତରରୁ ପ୍ରତିଟି ବିଷୟକୁ ଭଲ ଭାବରେ ବୁଝି ତା'ର କ୍ରିୟାନ୍ୱୟନ ସମ୍ପର୍କରେ ଅଭିଜ୍ଞତା ପ୍ରାପ୍ତ କରିବାକୁ ଶ୍ରୀ ଧଳ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ବାଚନ ପରିଚାଳନା ବ୍ୟବସ୍ଥା ବିଷୟରେ ଆଲୋଚନା କରି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଦେଶରେ ନିର୍ବାଚନକୁ ମୁକ୍ତ, ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଗ୍ରହଣ କରାଯାଉଥିବା ସମସ୍ତ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଏଥିରେ ପୋଲିସ ଅଧିକାରୀମାନଙ୍କ ବିଶେଷ ଭୂମିକା ବିଷୟରେ ଆଲୋଚନା କରି ଲୋକଙ୍କ ବିଶ୍ୱାସକୁ ବଜାୟ ରଖି କାର୍ଯ୍ୟ କରିବାର ଗୁରୁତ୍ୱ ବିଷୟରେ ସୂଚିତ କରିଥିଲେ। ଓଡ଼ିଶାରେ ଚତୁର୍ଥ ପର୍ଯ୍ୟାୟରେ ମେ ୧୩ରେ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା କ୍ଷେତ୍ରରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ବିଷୟରେ ଶ୍ରୀ ଧଳ ସବିଶେଷ ଆଲୋଚନା କରିଥିଲେ। ଆଦର୍ଶ ଆଚରଣ ବିଧି, ଏମ୍‌ସିଏମ୍‌ସି, ଜବତ ବ୍ୟବସ୍ଥା, ପ୍ରବର୍ତନ ସଂସ୍ଥା, ଏଫ୍‌ଏସ୍‌ଟି, ଏସ୍‌ଏସ୍‌ଟି, ବୋର୍ଡର ଚେକ୍ ପୋଷ୍ଟ, ଡିସ୍‌ପରସାଲ୍ ବ୍ୟବସ୍ଥା, ସାଇଲେନ୍ସ ପିରିୟଡ୍ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରବଳ ରୌଦ୍ରତାପ ମଧ୍ୟରେ ନିର୍ବାଚନ ପରିଚାଳନାର ଆହ୍ୱାନ ବିଷୟରେ ଆଲୋଚନା କରି ଶ୍ରୀ ଧଳ ବୁଥ୍ ସ୍ତରରେ ତା'ର ମୁକାବିଲା ପାଇଁ କରାଯାଉଥିବା ବ୍ୟବସ୍ଥା ଯଥା-ପାନୀୟ ଜଳ, ଛାଇ ବ୍ୟବସ୍ଥା, ଓଆରଏସ୍ ପାଉଡ଼ର, ଅଂଶୁଘାତ ସମ୍ବନ୍ଧୀୟ ସଚେତନତା ବାର୍ତା, ସ୍ୱାସ୍ଥ୍ୟକର୍ମୀ, ଭ୍ରାମ୍ୟମାଣ ହେଲଥ୍ ୟୁନିଟ୍ ଆଦି ବିଷୟରେ ସୂଚିତ କରିଥିଲେ।

# କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ଓ ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଲେ ଅନିମା କହଁର

କନ୍ଧମାଳ, ୧୦/୫ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନରେ ରାଜ୍ୟ ରାଜନୀତିରେ ସବୁ ରାଜନୈତିକ ଦଳର ଅନେକ ଅସନ୍ତୁଷ୍ଟ ନେତା ମାନଙ୍କ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହି ଅବସରରେ ରାଜ୍ୟର ପ୍ରମୁଖ ନେତା ମାନେ ଦଳୀୟ ଟିକଟ ନ ମିଳିବାରୁ ଏବଂ ଅନ୍ୟାନ୍ୟ ବିଭିନ୍ନ କାରଣରୁ ସେମାନଙ୍କ ଅସନ୍ତୋଷ ଜାହିର କରିଛନ୍ତି। ଏପରିକି ସେମାନଙ୍କ ମଧ୍ୟରୁ କିଛି ନିଜ ଦଳ ଏବଂ ପଦପଦବୀରୁ ଇସ୍ତଫା ଦେଇ ଅନ୍ୟ ଦଳରେ ଯୋଗ ଦେଇଛନ୍ତି। ସେହିପରି ବିଜୁ ମହିଳା ଜନତା ଦଳର କନ୍ଧମାଳ ସଭାନେତ୍ରୀ ଭାବରେ କାର୍ଯ୍ୟରତ ଥିବା ସୁଶ୍ରୀ ଅନିମା କହଁର ଆଜି ତାଙ୍କ ପଦ ତଥା ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେ ଆଜି ତାଙ୍କର ଏହି ଇସ୍ତଫା ପତ୍ର ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠେଇ ଦେଇଛନ୍ତି। ଗତ ୨୦୧୫ ମସିହାରୁ ଦଳରେ ଜଣେ ପ୍ରାଥମିକ ସଦସ୍ୟା ଭାବରେ ଯୋଗଦେଇ ନିଷ୍ଠା ଓ ବିଶ୍ୱସ୍ତ ହୋଇ ଦଳ ପାଇଁ ଏ ଯାବତ୍ କାର୍ଯ୍ୟ କରି ଆସୁଥିଲେ। ହେଲେ ତାଙ୍କୁ ଦୀର୍ଘ ବର୍ଷର ନିଷ୍ଠା ଓ କର୍ତବ୍ୟ ପରାୟଣତାର ପ୍ରତିଦାନ ଅବହେଳା ଓ ଅଣଦେଖା ଭାବେ ମିଳୁଥିବା କହିଛନ୍ତି ତାଙ୍କ ଇସ୍ତଫା ପତ୍ରରେ। ଦଳରେ କାର୍ଯ୍ୟ କରିବା ଭିତରେ ତାଙ୍କୁ ଦଳର କର୍ମୀ ଓ ନେତା ମାନେ ଦେଇଥିବା ସ୍ନେହ ବିଶ୍ୱାସ ଓ ସମ୍ମାନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଭଙ୍ଗା ଘରୁ ବାପ ଓ ଝିଅକୁ ଉଦ୍ଧାର କରି ଆଶ୍ରମ ସ୍ଥଳକୁ ନେଲା ପୌର ପ୍ରଶାସନ

ଜୟପୁର, ୧୦/୫ (ନି.ପ୍ର): ଜୟପୁର ଜୟନଗର ଚିତ ବିନୋଦନ କେନ୍ଦ୍ର ନିକଟରେ ଏକ କ୍ୱାଟର ଘରେ ବାପା ପୁଣ୍ଡ ଚନ୍ଦ୍ର ନାୟକ (୬୦) ଓ ଝିଅ ପ୍ରତିକ୍ଷା ନାୟକ ରହୁଥିଲେ। ଉକ୍ତ ଘର ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକେ ଦୁଇ ଜଣକୁ ଉଦ୍ଧାର କରି ମନ୍ଦିର ବାରଣ୍ଡାରେ ରଖିଥିଲେ। ଏହି ସୂଚନା ପାଇ ଜୟପୁର ପୌର ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଜଗନ୍ନାଥ ମହାପାତ୍ର ଓ ସ୍ମିତା ରାଣି ଜେନା ପହଂଚିଥିଲେ। ବାପା ଓ ଝିଅ କୁ ଉଦ୍ଧାର କରି ଆଶ୍ରୟ ସ୍ଥଳରେ ରଖିଥିଲେ। ସେଠାରେ ଖାଇବା ବ୍ୟବସ୍ଥା କରାଯାଇଥିଲା। ଆଶ୍ରୟ ସ୍ଥଳରେ ୭ରୁ ୮ ଦିନ ରଖାଯିବ। ଜିଲାପାଳ କିମ୍ବା ଉପ ଜିଲାପାଳଙ୍କ ସହ ଆଲୋଚନା କରି ବାପା ଓ ଝିଅକୁ ଥୟକୁଳ କରାଯିବ ବୋଲି ପୌର ନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶନିବାର, ମଇ ୧୧, ୨୦୨୪

## ଯୋଗାସନ



୬୦ ଡିଗ୍ରୀ କରି କିଛି ସମୟ ରହିବା ପରେ ଆଉ ୨୦ ଡିଗ୍ରୀ ବଢ଼ାଇ ୯୦ ଡିଗ୍ରୀ କରି ରଖନ୍ତୁ। ଯେଉଁମାନଙ୍କର ପିଠିରେ ବେଶୀ ଯନ୍ତ୍ରଣା ହେବ ସେମାନେ ପ୍ରଥମେ ଅର୍ଦ୍ଧ ହଳାସନ ଅଭ୍ୟାସ କରି ପରେ ପୂର୍ଣ୍ଣ ରୂପେ କରିବେ। ଦୁଇପାଦ ମୁଣ୍ଡରେ ପଛକୁ ନେଇ ଭୂମିରେ ଲଗାଇବେ। ଜଙ୍ଘ ଓ ଲାଇଟ ମଧ୍ୟରେ ଚାରି ଆଙ୍ଗୁଳି ବ୍ୟବଧାନ ରହିବା ଉଚିତ। ଯେପରି ଦୁଇ ହାତ ପଛକୁ ବା ଆଗକୁ ଲମ୍ବ ହୋଇ ଭୂମିରେ ରହିବ। ହାତ ଉପରେ ଆଦୌ ଚାପ ପଡ଼ିବା ଉଚିତ୍ ନୁହେଁ। କେତେକ ଦୁଇ ହାତରେ ଅଣ୍ଟାକୁ ଠେଲି ରଖନ୍ତି ତ ଆଉ କେତେକ ମୁଣ୍ଡ ପଛକୁ ନେଇ ପାଦ ଆଙ୍ଗୁଳିକୁ ଛୁଇଁଥାନ୍ତି। ପ୍ରଥମ ଦିନ ଥରେ କରି ତା' ପରଠାରୁ ୩/୪ଥର ଅଭ୍ୟାସ କଲେ ଲାଭ ମିଳିଥାଏ। ବାରବର୍ଷ ବୟସ ନହେଲେ ଏହି ଆସନ କରିବା ଅନୁଚିତ। ଏହି ଆସନକୁ କଲାବେଳେ ଶରୀର ଢିଲା କରିବା ଦରକାର। ଲାଭ : କାନୁ ଶକ୍ତ ହୋଇଥାଏ।

ସର୍ବାଙ୍ଗାସନ ପରି ଚିତ୍ ହୋଇ ଶୋଇ ଦୁଇ ହାତକୁ ଶରୀରର ଦୁଇ ପାଖରେ ଲମ୍ବାଇ ରଖନ୍ତୁ। ଯେପରି ହାତ ପାପୁଲି ନିମ୍ନକୁ ରହିବ। ଦୁଇ ପାଦକୁ ଯୋଡ଼ି ଉପରକୁ ଉଠାନ୍ତୁ। ଭୂମି ସହିତ ୨୦ ଡିଗ୍ରୀ କୋଣ କରି କିଛି ସମୟ କରିବା ପରେ ପୁଣି ଉପରକୁ ଉଠିବ।

- ମେଦ ହ୍ରାସ କରିଥାଏ। ମଧୁମେହରୁ ଉପକାର ମିଳିଥାଏ। ଧ୍ୟାନ ଲଗାଇଲେ ମାନସିକ ଶାନ୍ତି ମିଳିଥାଏ।

- ମାସିକ ଧର୍ମ ନିୟମିତ ହୁଏ ଏବଂ ଗର୍ଭାଶୟ ବିକୃତ ଦୂର ହୋଇଥାଏ। ମେରୁଦଣ୍ଡ ସୁସ୍ଥ ସବଳ ନୀରୋଗ ରଖିଥାଏ। କେଶ ଶୀଘ୍ର ପାଚେ ନାହିଁ। ବନ୍ଧ୍ୟା ଦୋଷ ଦୂର ହୋଇଥାଏ।

# ଆପ୍ସ ଫର୍ ଷ୍ଟୁଡେଣ୍ଟ

**ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ନଜରରେ ରଖି ଏବେ ଗୁଗୁଲ ପ୍ଲେ ଷ୍ଟୋର ଏବଂ ଇଣ୍ଟରନେଟ୍‌ରେ ମିଳୁଛି ବିଭିନ୍ନ ଆପ୍ସ। ଏହି ଆପ୍ସ ପିଲାଙ୍କୁ ପାଠ ପଢ଼ିବାରେ ସାହାଯ୍ୟ କରିବା ସହିତ ନୋଟ ପ୍ରସ୍ତୁତି ଏବଂ ପ୍ରୋଜେକ୍ଟ କାମରେ ମଧ୍ୟ ସାହାଯ୍ୟ କରୁଛି। ତେବେ ଏମିତି କେତେକ ଆପ୍ସ ଅଛି ଯାହା ସାହାଯ୍ୟରେ ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଲାଭପ୍ରଦ ହୋଇପାରିବେ। ଆସନ୍ତୁ ଜଣିବା ଏଭଳି କେତେକ ଆପ୍ସ ବିଷୟରେ......**



ଏନି.ଡୁ: ନିଜ କାର୍ଯ୍ୟକୁ ବ୍ୟବସ୍ଥିତ କରିବା ପାଇଁ ଲକ୍ଷାଧିକ ଲୋକ ଏହି ଆପ୍‌ର ବ୍ୟବହାର କରିଥାନ୍ତି। ଯେଉଁ ଛାତ୍ରଛାତ୍ରୀମାନେ ଏକ ଦୈନିକ ସୂଚୀପତ୍ର ପ୍ରସ୍ତୁତ କରି ନିଜର କାର୍ଯ୍ୟ କରିଥାନ୍ତି ସେମାନଙ୍କ ପାଇଁ ଏହା ବେଶ୍ ଲାଭପ୍ରଦ ଆପ୍। ଏହା ଅନ୍ୟ ଡିଭାଇସ ସହ ସମସ୍ତ କାର୍ଯ୍ୟ ସମକାଳୀନ ଭାବରେ କରିଥାଏ। ଫଳରେ ସୂଚୀକୁ ଆପଣ ଯେକୌଣସି ସ୍ଥାନରୁ ବି ଆକସେସ୍ କରିପାରିବେ। ଟଚ୍ ୱାଇଜ ଆପଣ ଏହି କାର୍ଯ୍ୟସୂଚୀରେ ନ୍ୟୁ ଟୁ ଡୁଲିଷ୍ଟ ଯୋଗ କରିପାରିବେ। କିମ୍ବା ଭଏସ ଜରିଆରେ ମଧ୍ୟ କରିପାରିବେ। ସମାପ୍ତ ହୋଯାଉଥିବା ଟ୍ୟାକ୍ସକୁ ଆପଣ ଏଥିରୁ ସହଜରେ ରିମୁଭ କରିପାରିବେ। ଏହାର ସହଜ ବ୍ୟବହାର ପାଇଁ ଏହାକୁ ଆପଣ ନିଜର ହେମା ସ୍କ୍ରିନରେ ସେଟ୍ ମଧ୍ୟ କରିପାରିବେ।

ମେଲବକ୍ସ: ଆପଣ ଅଧିକାଂଶ ସମୟରେ ଇମେଲକୁ ନେଇ ଅସୁବିଧାରେ ପଡୁଛନ୍ତି? କ'ଣ ଏହା ଆପଣଙ୍କ ଇନବକ୍ସକୁ ନିୟନ୍ତ୍ରିତ କରିବାରେ ନିରାଶଜନକ ହେଉଛି କି? ତେବେ ଚିନ୍ତା କାହିଁକି, ନିଜ ଆଣ୍ଡ୍ରଏଡ୍ ଫୋନରେ ଡାଉନଲୋଡ୍ କରି ନିଅନ୍ତୁ ଜିମେଲ୍। ଏହାପରେ ଅନେକ ଚିନ୍ତା ଦୂରେଇ ଯିବ ଆପଣଙ୍କର। ଫୋନରେ ଜିମେଲ୍ ରହିବା ଦ୍ୱାରା ଆପଣ ସବୁ ସମୟରେ ଏହାର ବ୍ୟବହାର କରିପାରିବେ। ଏଥିରୁ ଦରକାର ନଥିବା ଜିନିଷ ଆପଣ ସହଜରେ ରିମୁଭ କରିପାରିବେ।

ଡ୍ରପବକ୍ସ: ଛାତ୍ରଛାତ୍ରୀମାନଙ୍କ ପାଖରେ ନୋଟ୍ ହଜିଯିବାର ଏବଂ ଘରେ ଭୁଲିଯିବାର ଚିନ୍ତା ବେଶି ଥାଏ। ଏଭଳି ସ୍ଥିତିରେ ଆପଣ ନିଜ ଫୋନରେ ଡ୍ରପବକ୍ସ ଡାଉନ୍‌ଲୋଡ୍ କରି ଏହାର ବ୍ୟବହାର କରିପାରିବେ। ଏଥିରେ ଆପଣ ବିଭିନ୍ନ ପ୍ରକାର ଡକ୍ୟୁମେଣ୍ଟ, ଫଟୋ ଏବଂ ଭିଡ଼ିଓ ମାନ ସେଭ କରିପାରିବେ। ଏହାକୁ ଓପନ କରିବା ପାଇଁ କେବଳ ଇଣ୍ଟରନେଟ୍ କନେକ୍ସନର ଆବଶ୍ୟକତା ରହିଛି। ଆପଣ ଡ୍ରପବକ୍ସ ମାଧ୍ୟମରେ ନିଜର ଡାଟାକୁ ସାଙ୍ଗମାନଙ୍କ ସହ ସେୟାର ମଧ୍ୟ କରିପାରିବେ।



ଫିଡ୍ ଡଟ୍ ଏଲୱାଇ: କଲେଜ ଛାତ୍ରଛାତ୍ରୀମାନେ ଏପରି ଆପର ବିଶେଷ ଫାଇଦା ଉଠାଇପାରିବେ। ଆମ ସମାଜରେ ଘଟୁଥିବା କେତେକ ଘଟଣା ଏବଂ ଖବର ବିଷୟରେ ଛାତ୍ରଛାତ୍ରୀମାନେ ଜାଣିପାରି ନଥାନ୍ତି। ସେମାନଙ୍କୁ ପାଠପଢ଼ା, ପରୀକ୍ଷା ଇତ୍ୟାଦି ବିଷୟରେ ଅବଗତ କରାଇବ ଫିଡ୍‌କ ଏଲୱାଇ ଆପ୍। ଏହା ମାଧ୍ୟମରେ ଆପଣ ଅତି ସହଜରେ ଦୁନିଆରେ ବିଭିନ୍ନ ଖବର ଜାଣିପାରିବେ।

ସ୍କ୍ରିବଡ୍: ଅନଲାଇନ୍ ଲାଇବ୍ରେରୀ ଭାବରେ ଏହା ବେଶ୍ ପରିଚିତ। ଏହି ଆପ୍‌ରେ ଆପଣ ବିଭିନ୍ନ ପ୍ରକାର ଡକ୍ୟୁମେଣ୍ଟ, ବହି, ମାଗାଜିନ, ବିଜନେସ ମାଗାଜିନ୍, ମନି ମାଗାଜିନ୍, ଫରେନ ପଲିସି ଆଦି ବିଷୟରେ ଅତି ସହଜରେ ପାଇଯିବେ। ଏହା ଆପଣଙ୍କୁ ସାଧାରଣ ଜ୍ଞାନ ମଧ୍ୟ ଦେବାରେ ସକ୍ଷମ ହେବ। ଆପଣ ଚାହିଁଲେ ଏହି ଆପରେ ଏକ ମେମ୍ବର ହୋଇପାରିବେ। ଏବଂ ନିଜର ଏକ ଲାଇବ୍ରେରୀ ପ୍ରସ୍ତୁତ କରି ନିଜର ନୋଟ, ବହି ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟକୁ ଏଥିରେ ସେୟାର କରିପାରିବେ।

# ଅଧିକ ପାଣି ପିଇବା ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ କ୍ଷତିକାରକ



ପାଣି ହିଁ ଜୀବନ। ଏହାକୁ କେହି ଏଡ଼ାଇ ଦେଇପାରିବେ ନାହିଁ। ଆମେ ପ୍ରତିଦିନ ଅତି କମରେ ୩/୪ଲିଟର ପାଣି ପିଇବା। ଦରକାର। କିନ୍ତୁ ଜଣେ ଅସୁସ୍ଥ ବ୍ୟକ୍ତି ପାଣି ପିଇବା ପ୍ରତି ସତର୍କ ରହିବା ଦରକାର। କାରଣ ଏହି ସମୟରେ ଆବଶ୍ୟକତା ଠାରୁ ଅଧିକ ପାଣି ପିଇଲେ ତାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଭଳି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି ଦକ୍ଷିଣ ଲଣ୍ଡନସ୍ଥିତ କିଙ୍ଗ କଲେଜ ହସପିଟାଲର ବିଶେଷଜ୍ଞମାନେ। ଏକ ପରିସ୍ରା ସଂକ୍ରମଣ (ୟୁରିନ୍ ଇନଫେକଶନ) ରୋଗୀର ଚିକିତ୍ସା କରିବା ସମୟରେ ସେମାନେ ଏହି କଥା ଜାଣିବାକୁ ପାଇଥିଲେ। ଯେତେବେଳେ ସଂପୃକ୍ତ ବ୍ୟକ୍ତି ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ସେତେବଳେ କେହି ଜଣେ ତାଙ୍କୁ ପ୍ରଚୁର ପାଣି ପିଇବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏଭଳି ସମସ୍ୟାରୁ ଉପଶମ ମିଳିବା ପରିବର୍ତ୍ତେ ତାହା ଆହୁରି ଜଟିଳ ହୋଇଥିଲା। ବିଶେଷଜ୍ଞମାନେ କହିଛନ୍ତି ଯେ ଜଣେ ଅସୁସ୍ଥ ବ୍ୟକ୍ତି ଆବଶ୍ୟକତା ଠାରୁ ଅଧିକ ପାଣି ପିଇଲେ ବାନ୍ତି, ମୁଣ୍ଡବିନ୍ଧା ପରି ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ଏପରିକି କେତେକ କ୍ଷେତ୍ରରେ ସେହି ବ୍ୟକ୍ତି କୋମା ସ୍ତରକୁ ଚାଲିଯିବା ଆଶଙ୍କା ରହିଛି। ତେଣୁ ଏହି ସମୟରେ ଆବଶ୍ୟକତା ମୁତାବକ ପାଣି ପିଇବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ବାସ୍ତୁ ଟିପ୍ସ

ଦୈନନ୍ଦିନ ଜୀବନରେ ବାସ୍ତୁଶାସ୍ତ୍ରର ପ୍ରଭାବ ରହିଛି। ଘରେ ସୁଖ ଶାନ୍ତି ତଥା ଉତ୍ତମ ବାତାବାରଣ ନିମନ୍ତେ ବାସ୍ତୁଶାସ୍ତ୍ର ପ୍ରତି ଧ୍ୟାନ ଦେବା ଆବଶ୍ୟକ। ମୁମ୍ବାଇର ଜନୈକ ନାମକରା ବାସ୍ତୁବିତଙ୍କ ମତରେ, ଘରର ଶୌଚାଳୟ ଯଥା ସ୍ଥାନରେ ନିର୍ମିତ ହୋଇଥିଲେ ଏହା ପରିବାର ଲୋକଙ୍କ ଉପରେ ଉତ୍ତମ ପ୍ରଭାବ ପକାଇଥାଏ।

- ଗୃହର ଐଶାନ୍ୟ କୋଣ ବ୍ୟତୀତ ଅନ୍ୟ ଯେକୌଣସି ସ୍ଥାନରେ ଶୌଚାଳୟ ନିର୍ମିତ କରିହେବ।
- ଉତ୍ତର କିମ୍ବା ପୂର୍ବ ଦିଗରେ ଶୌଚାଳୟ ଶୁଭଙ୍କର।
- ଧ୍ୟାନ ରଖିବା ଉଚିତ୍ ଯେ ଯେପରି ଉତ୍ତର ଦିଗରେ ପାଣିର ସ୍ରୋତ ନଳ ଲାଗିବା ଆବଶ୍ୟକ।
- ଶୌଚାଳୟରେ ଜିନିଷ-ସାବୁନ, ତେଲ, ହ୍ୟାଣ୍ଡୱାଶ ଇତ୍ୟାଦି ଦକ୍ଷିଣ କିମ୍ବା



ପଶ୍ଚିମ ଦିଗରେ ରହିବା ଉଚିତ।
- ଗାଢ଼ ରଙ୍ଗ କିମ୍ବା ଗାଢ଼ ରଙ୍ଗର ଟାଇଲ୍ସ ଶୌଚାଳୟରେ ବ୍ୟବହାର କରିବା ଶୁଭଙ୍କର ନୁହେଁ।
- ଶୌଚାଳୟର ଦୁଆର ସମ୍ମୁଖରେ ଦର୍ପଣ ଲଗାଇବା ପରିବାର ସଦସ୍ୟଙ୍କ ଉପରେ ଖରାପ ପ୍ରଭାବ ପକାଏ। ଏ କାରଣରୁ ନକାରାତ୍ମକ ଶକ୍ତି ବଢ଼ିବା ସହ କଳି-ଝଗଡ଼ା ଲାଗିରହେ।
- ଆବଶ୍ୟକ ନଥାଇ ଶୌଚାଳୟରେ ପାଣିର ଅପଚୟ କରିବା ଅନୁଚିତ। ଏହା ଦ୍ୱାରା ଆର୍ଥିକ ଅସୁବିଧା ହୋଇପାରେ।

# ଲାଭାରୁ ବିଦ୍ୟୁତ ଉତ୍ପାଦନ କରିବ ଆଇସ୍‌ଲ୍ୟାଣ୍ଡ୍



ପାଣି ବିଜୁଳି ଓ ଭୂତାପୀୟ ଶକ୍ତିରୁ ୬୫ ପ୍ରତିଶତ ଆବଶ୍ୟକତା ପୂରଣ କରୁଥିବା ଦେଶ ଆଇସଲ୍ୟାଣ୍ଡ ଏବେ ଲାଭାରୁ ବିଜୁଳି ଉତ୍ପାଦନ କରିବାର ଯୋଜନା କରୁଛି। ଏଭଳି କରିବାରେ ଏହା ପ୍ରଥମ ଦେଶ ହେବ। ଜିଓଥର୍ମାଲ ରିସର୍ଚ୍ଚ ଗ୍ରୁପ ଓ ବ୍ରିଟିଶ ଜିଓଲୋଜିକାଲ ସର୍ଭେର ବୈଜ୍ଞାନପିକମାନେ ଜ୍ୱାଳାମୁଖୀର ଲାଭାରୁ ଉତ୍ପନ୍ନ ବାଷ୍ପରୁ ବିଦ୍ୟୁତ ଉତ୍ପାଦନ ପରିଯୋଜନାରେ ଏଠାରେ କାର୍ଯ୍ୟ କରୁଛନ୍ତି। ଏଥିରେ ପାରମ୍ପରିକ ସ୍ରୋତରୁ ଦଶଗୁଣ ଅଧିକ ବିଦ୍ୟୁତ ଉତ୍ପାଦନ ହୋଇପାରିବ। ଆଇସଲିଙ୍କ କେବୁଲ ମାଧ୍ୟମରେ ଏହି ବିଦ୍ୟୁତ ବ୍ରିଟେନକୁ ବିକ୍ରି କରାଯିବ। ଏଥିରୁ ୧୬ଲକ୍ଷ ଘର ଆଲୋକିତ ହୋଇପାରିବ। କ୍ରାଫଲାମ୍ୟାଗମା ଟେଷ୍ଟବେଡ୍ ନାମକ ଏହି ପରିକଳ୍ପନାରେ ଆମେରିକା, କାନାଡ଼ା ଓ ଋଷ ସମେତ ୧୧ଟି ଦେଶର ୩୮ ସଂସ୍ଥା ଓ କମ୍ପାନୀ ଜଡ଼ିତ ଅଛନ୍ତି। ଏହି ଟିମର ବୈଜ୍ଞାନିକମାନେ ବିଦ୍ୟୁତ ଉତ୍ପାଦନର ସମସ୍ତ ସମ୍ଭାବିତ ସ୍ରୋତ ଉପରେ ରିସର୍ଚ୍ଚ କରୁଛନ୍ତି। ପରିଯୋଜନାର ପ୍ରଥମ ପର୍ଯ୍ୟାୟ ୨୦୨୦ରେ ଆରମ୍ଭ ହେବ। ଏଥିରେ ୩ କୋଟି ଡଲାର ଖର୍ଚ୍ଚ ହେବ। ପରିଯୋଜନା ଅନ୍ତର୍ଗତ ଉତ୍ତର ଆଇସଲ୍ୟାଣ୍ଡରେ ଥିବା କ୍ରାଫଲା ଜ୍ୱାଳାମୁଖୀରେ ୪.୮ କିଲୋମିଟର ଗଭୀର ଗାତ ଖୋଳାଯିବ। ଏହା ଦୁଇ ଟେକ୍ଟୋନିକ ପ୍ଲାଟୋ ମଧ୍ୟ ରହିବ।

## ପିପ୍ପଳୀ ପତ୍ର



ପିପ୍ପଳୀ ଗଛର ପତ୍ର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଏହାର ତିନୋଟି କଅଁଳିଆ ପତ୍ର ତୋଳି ପ୍ରତିଦିନ ସକାଳେ ଖାଲିପେଟରେ ଚୋବାଇଲେ ରକ୍ତ ସଫା ହୋଇଥାଏ। ତଥା ଶିରାପ୍ରଶିରାରେ ଜମିଥିବା



କୋଲେଷ୍ଟ୍ରୋଲ ଦୂର କରି ଅକ୍ସିଜେନ ସଂଚାର କରିଥାଏ। ଜ୍ୱର ହେଲେ ତିନୋଟି କଅଁଳିଆ ପତ୍ର ଏକ ଗ୍ଲାସ ପାଣିରେ ସିଝାଇ ଦିଅନ୍ତୁ। ପାଣି ଅଧା ହୋଇଗଲା ପରେ ଏହାକୁ ଛାଣି ପିଅନ୍ତୁ। ଅଧିକ ଜ୍ୱରରେ ଏହି ପାଣି ଦିନକୁ ଦୁଇ ତିନିଥର ପିଇଲେ ଜ୍ୱର କମିଯାଇଥାଏ। ସେହିଭଳି ଶରୀରରେ ଚର୍ମରୋଗ ବା କୁଣ୍ଡିଆ ହେଉଥିଲେ କିଛି ପିପ୍ପଳ ପତ୍ରକୁ ଘସି ଦିନରେ ୩/୪ଥର କୁଣ୍ଡିଆ ସ୍ଥାନରେ ଲଗାଇଲେ ଆରାମ ମିଳିଥାଏ। ତେବେ ପିପ୍ପଳୀ ପତ୍ର ଖାଇବା ପୂର୍ବରୁ ଓ ପରେ ଏକଘଣ୍ଟା ପର୍ଯ୍ୟନ୍ତ କିଛି ଖାଇବା ଉଚିତ ନୁହେଁ। ଏହା ଅତ୍ୟନ୍ତ ଗରମ ହୋଇଥିବାରୁ ଖାଇବା ପରେ ଜଙ୍କ୍ ଫୁଡ଼ ଓ ଅତ୍ୟଧିକ ଗରମଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଭଲଭାବେ ସଫା ହୋଇଥିବା ବଡ଼ବଡ଼ ପିପ୍ପଳ ପତ୍ରରେ ଭୋଜନ ରଖି ଖାଇଲେ ଶରୀରକୁ ଆଣ୍ଟି ଅକ୍ସିଡାଣ୍ଟ ଓ ଅକ୍ସିଜେନ ମିଳିଥାଏ।

# ଝାଡୁ ବ୍ୟବହାରର ନିୟମ

ଘର ଝାଡୁ କଲେ ଓ ପୋଛି ସଫା ଓ ସ୍ୱଚ୍ଛ ହୋଇଥାଏ। ଶାସ୍ତ୍ର ଅନୁସାରେ, ଝାଡୁକୁ ମହାଲକ୍ଷ୍ମୀଙ୍କର ଏକ ସ୍ୱରୂପ ବୋଲି କୁହାଯାଏ। ଝାଡୁ ସାହାଯ୍ୟରେ ଦାରିଦ୍ର୍ୟ ଦୂରହୁଏ, ଘରର କୋଣ ଅନୁକୋଣ ସଫା ରହିଲେ ଅନେକ ବାସ୍ତୁ ଦୋଷ ମଧ୍ୟ କଟିଯାଏ। ତେବେ ଆସନ୍ତୁ



ଜାଣିବା ଘର ଝାଡୁ କରୁଥିବା ବେଳେ କିମ୍ବା ପୋଛୁଥିବା ବେଳେ କ'ଣ ସବୁ ନିୟମ ମାନିବା ଉଚିତ୍।

ଝାଡୁ କେଉଁଠି ଓ କିପରି ରଖିବା ଘରର ଖୋଲା ସ୍ଥାନରେ ଝାଡୁ ରଖିବା ଅଶୁଭ ହୋଇଥାଏ, ଏହାକୁ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରଖିବା ଉଚିତ୍।

- ଭୋଜନ କକ୍ଷରେ ଝାଡୁ ରଖିବା ଅନୁଚିତ, କୁହାଯାଏ ଶସ୍ୟ ଶୀଘ୍ର ସରିଯିବ ନଚେତ ସ୍ୱାସ୍ଥ୍ୟ ମସ୍ୟା ସୃଷ୍ଟି ହୋଇପାରେ।

ରାତି ସମୟରେ ଘର ବାହାରେ କବାଟ ପାଖରେ ଝାଡୁ ରଖିଲେ ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ। କେବଳ ରାତି ସମୟରେ ଝାଡୁ ବାହାରେ ରଖିବେ ଦିନ ବେଳେ ଲୁଚାଇ ରଖିବା ଉଚିତ।

- ଘର ପୋଛୁଥିବା ବେଳେ, ପାଣିରେ କିଛି ଲୁଣ ମିଶାଇ ପୋଛିଲେ ଭଲ। ଏପରି କଲେ ଚଟାଣରେ ଥିବା ସୂକ୍ଷ୍ମ ଜୀବାଣୁ ନଷ୍ଟ ହେବା ସହିତ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିଜ ଗୁଳିର ନିଜେ ଶିକାର...

ନିର୍ବାଚନ ସମୟରେ ନେତାମାନଙ୍କର ଦଳଡିଆଁ ଏକ ଚିରାଚରିତ ଦୃଶ୍ୟ । କେତେକ ନେତା ଦୀର୍ଘ ଦିନ ଧରି ଏକ ଦଳରେ ରହିଥିଲେ ସୁଦ୍ଧା ନିର୍ବାଚନରେ ଅବତୀର୍ଣ୍ଣ ହେବା ପାଇଁ ତାଙ୍କୁ ଦଳ ଟିକେଟ୍ ନ ଦେଲେ ସେମାନେ ସେହି ଦଳ ଛାଡ଼ି ଅନ୍ୟ ଏକ ଦଳକୁ ଆଦରି ନେଇଥାନ୍ତି ଡିଆଁଟିଏ ମାରି । ଆଉ ତା'ପରେ ସେମାନେ ଯୋଗ ଦେଇଥିବା ଦଳମାନେ ବାହାଦୁରୀ ଦେଖାଇଥାନ୍ତି ସେମାନଙ୍କର ରହିଥିବା ପୂର୍ବର ଦଳମାନଙ୍କ ଆଗରେ। ଏଥର ଅଷ୍ଟାଦଶ ଲୋକସଭା ନିର୍ବାଚନ ବେଳେ ଏଇ ଦୃଶ୍ୟ ଅଧିକ ଦେଖିବାକୁ ମିଳିଛି । ତେବେ ଏହା ଦ୍ୱାରା କେଉଁ ଦଳ ଅଧିକ ଫାଇଦାରେ ରହିବ, ତାହା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ହିଁ ଜଣା ପଡ଼ିବ । ସେ ଯାହାହେଉ, ନିକଟରେ ହରିୟାନା ବିଧାନସଭାର ତିନି ଜଣ ଏସ୍‌ଏଲ୍ ସେଠାକାର ବିଜେପି ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି କଂଗ୍ରେସ ଶିବିରରେ ଯୋଗ ଦେଇଛନ୍ତି। ଏଇ ତିନି ଜଣଯାକ ବିଧାୟକ ସ୍ୱାଧୀନ ଭାବରେ ନିର୍ବାଚିତ ହୋଇ ବିଧାନସଭାକୁ ଆସିଥିଲେ ସୁଦ୍ଧା ସରକାର ଗଠନ କରିବା ନିମନ୍ତେ ବିଜେପିକୁ ସମର୍ଥନ ଜଣାଇ ଥିଲେ। ସେମାନଙ୍କର କଂଗ୍ରେସ ଶିବିରରେ ଯୋଗ ଦେବା ଫଳରେ ବିଜେପି ସରକାର ବିଧାନସଭାରେ ସଂଖ୍ୟା ଗରିଷ୍ଠତା ହରାଇଛି । ଫଳରେ ବିଜେପିର ନାୟାବ ସିଂହ ସୈନିଙ୍କ ସରକାର ଏକ ସଂଖ୍ୟାଲଘୁ ସରକାରରେ ପରିଣତ ହୋଇଛି । ଏହା ନିକଟରେ ବର୍ତ୍ତମାନ ୮୮- ସଦସ୍ୟବିଶିଷ୍ଟ ବିଧାନସଭାରେ ୪୩ ଜଣ ବିଧାୟକ ରହିଛନ୍ତି, ଯାହା ସରକାର ଗଠନ ନିମନ୍ତେ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ସଂଖ୍ୟାଠାରୁ ଦୁଇ ଗୋଟି କମ୍। ତେଣୁ ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟର ଶାସନ କ୍ଷେତ୍ରରେ କୌଣସି କାର୍ଯ୍ୟ କରିବାକୁ ଆଗେଇବା ପୂର୍ବରୁ ବିଜେପି ପାଇଁ ସଦନରେ ନିଜର ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବା ଏକ ଉପଯୁକ୍ତ କାର୍ଯ୍ୟ । ବିରୋଧାଭାସର କଥା ହେଉଛି, ଯେଉଁ ଦଳ ଶାସନ କ୍ଷମତାକୁ ନିଜ ହାତରେ ରଖିବା ପାଇଁ ଗୋଟିଏ ପରେ ଗୋଟିଏ ରାଜ୍ୟରେ ଆଜି ପର୍ଯ୍ୟନ୍ତ ଅପରେସନ୍ ଲୋଟସ୍ କରି ଆସିଥିବାକୁ ନେଇ ଛାତିରେ ହାତ ବାଡ଼େଇ କହିଥାନ୍ତି, ସେମାନଙ୍କ ଭିତରୁ କ୍ୱଚିତ୍ କେହି ଏ ଘଟଣା ପରେ ହଲପ କରି କହି ପାରିବେ ଯେ ବିଜେପି ଏବେ ନିଜ ଗୁଳିର ନିଜେ ଶିକାର ହୋଇନାହିଁ ! ଯଦିଓ ଏକ ରାଜ୍ୟରେ ବିଜେପି ସରକାର ଅସନ୍ତୋଷର ଶିକାର ହେବାକୁ ଏହା ଭିତରେ ଅନେକ ବର୍ଷ ବିତି ଯାଇଛି, ତଥାପି ଏହି ସଂକଟକୁ ବିଜେପି କଦାପି ଏକଦମ୍ ଅଣଦେଖା ମଧ୍ୟ କରି ପାରିବ ନାହିଁ, ବିଶେଷକରି ଯେହେତୁ ଏହାର ପୂର୍ବତନ ମିତ୍ର ଦଳ, ୧୦ ଜଣ ଏସ୍‌ଏଲ୍ ଥିବା ଜନନାୟକ ଜନତା ଦଳ ଘୋଷଣା କରି ସାରିଛି ଯେ ଏହା ବିଧାନସଭାରେ ସଂଖ୍ୟା ଗରିଷ୍ଠତା ସମ୍ପର୍କରେ ସରକାର ମତ ଲୋଡ଼ିଲେ ସରକାରଙ୍କ ବିରୋଧରେ ଭୋଟ୍ ଦେବ। ଚଳିତ ବର୍ଷର ଉତ୍ତରାର୍ଥରେ ହରିୟାନା ବିଧାନସଭା ନିର୍ବାଚନକୁ ସାମ୍ନା କରିବାକୁ ଯାଉଛି । ୨୦୧୪ରେ ୯୦-ସଦସ୍ୟବିଶିଷ୍ଟ ବିଧାନସଭାରେ ୪୭ ଆସନରେ ବିଜୟୀ ହୋଇ ବିଜେପି ଏହି ରାଜ୍ୟରେ ପ୍ରଥମ ଥର ପାଇଁ କ୍ଷମତାକୁ ଆସିଲା। ସେ ପର୍ଯ୍ୟନ୍ତ ହରିୟାନାର ରାଜନୀତିକ ମଞ୍ଚରେ କଂଗ୍ରେସ ଏବଂ ଚୌଧୁରୀ ଦେବୀ ଲାଲ୍‌ଙ୍କ ନେତୃତ୍ୱାଧୀନ ରାଜନୀତିକ ଦଳମାନେ ବାଣ୍ଟିକୁଣ୍ଟି ଅଭିନୟ କରି ଆସୁଥିଲେ। ୨୦୧୯ ନିର୍ବାଚନରେ ବିଜେପି ଏହି ରାଜ୍ୟର ବିଧାନସଭା ନିର୍ବାଚନରେ ଶାସନ କରିବା ନିମନ୍ତେ ଆବଶ୍ୟକ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିବା ଭଳି ଆସନରେ ବିଜୟୀ ହୋଇ ପାରିଲା ନାହିଁ, ପରନ୍ତୁ ଦେବୀ ଲାଲ୍‌ଙ୍କ ଅଣନାତି ଦୁଷ୍ୟନ୍ତ ଚୌତାଲାଙ୍କ ନେତୃତ୍ୱାଧୀନ ଜନନାୟକ ଜନତା ପାର୍ଟି (ଜେଜେପି)ର ସମର୍ଥନରେ ସରକାର ଗଠନ କଲା । ନିକଟ ଅତୀତରେ ବିଜେପି ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ କରିଥିଲା। ଏହା ୨୦୧୪ରୁ ରାଜ୍ୟରେ ନିଜର ମୁଖମଣ୍ଡଳ ଭାବରେ ପରିଚିତି ପ୍ରଦାନ କରି ଆସୁଥିବା ମନୋହର ଲାଲ୍ ଖଟ୍ଟରଙ୍କ ସ୍ଥାନରେ ଶ୍ରୀଯୁକ୍ତ ସୈନିଙ୍କୁ ନୂଆ ମୁଖମଣ୍ଡଳ ଭାବରେ ଅବସ୍ଥାପିତ କଲା । ବିଜେପିର ନିର୍ବାଚନୀ ପରିଚାଳନା କୌଶଳ ଅନୁସାରେ ଶ୍ରୀଯୁକ୍ତ ସୈନିଙ୍କୁ ମୁଖ୍ୟମନ୍ତ୍ରୀ ଆସନ ମିଳିଛି । ଦଳ ବିଚାର କରିଥିଲା ଯେ ଖଟ୍ଟର ନେତୃତ୍ୱାଧୀନ ସରକାରଙ୍କ ବିରୋଧରେ ରହିଥିବା ଜନ ଅସନ୍ତୋଷକୁ ଦମନ କରିବାକୁ ହେଲେ ଅଧିକାଂଶ ଲୋକ ଚିହ୍ନି ନଥିବା ଶ୍ରୀଯୁକ୍ତ ସୈନି ହିଁ ଜଣେ ଉତ୍ତମ ଅସ୍ତ୍ର ହୋଇ ପାରିବେ । ଦଳର ଏଭଳି କୌଶଳ ମଧ୍ୟ ଅତୀତରେ ଅନେକ ରାଜ୍ୟରେ ସଫଳତା ଆଣି ଦେଇଥବା ଦେଖା ଯାଇଛି । ତେବେ ହରିୟାନା କଥା ଅଲଗା । ବର୍ତ୍ତମାନ ସୁଦ୍ଧା ଏକଥା ସ୍ପଷ୍ଟ ନୁହେଁ ଯେ ସୈନି ସରକାର ବିଧାନସଭାରେ ନିଜ ସପକ୍ଷରେ ବହୁମତ ସାବ୍ୟସ୍ତ କରି ପାରିବେ କି ନାହିଁ, କିନ୍ତୁ ଏହା ସତ୍ୟ ଯେ ତିନି ଜଣ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ନିଜକୁ ଏନ୍‌ଡିଏ ମେଣ୍ଟର ପଞ୍ଜୁରୀରୁ ମୁକୁଳାଇ ନେଇଛନ୍ତି, ଯାହାର ନେତୃତ୍ୱ ନେଉଛି ବିଜେପି, ଯାହା ଚଳିତ ଲୋକସଭା ନିର୍ବାଚନରେ ଦୃଢ଼ କଣ୍ଠରେ ଦାବି କରୁଛି କି ୫୪୩ ଆସନବିଶିଷ୍ଟ ଲୋକସଭାରେ ଏହା ୪୦୦ରୁ ଅଧିକ ସଂଖ୍ୟକ ଆସନ ଅକ୍ତିଆର କରିବ। ଏହି ପରିପ୍ରେକ୍ଷୀରେ ତେଣୁ ପ୍ରଶ୍ନଟିଏ ଉଙ୍କିମାରେ- ବର୍ତ୍ତମାନ ଆଖିକୁ ଯାହା ଦେଖା ଯାଉଛି, ସେଥିରେ ସ୍ୱାଧୀନ ପ୍ରାର୍ଥୀମାନଙ୍କ କ୍ରିୟାକଳାପ କିଛି ପାର୍ଥକ୍ୟ ଆଣି ପାରିବ କି ? ନିର୍ବାଚନ ସମୟରେ ବଡ଼ ବଡ଼ କଥା କହିବା କିଛି ନୂଆକଥା ନୁହେଁ, କିନ୍ତୁ ହରିୟାନାରେ ଘଟିଥିବା ଘଟଣା ଅବଶ୍ୟ ଦଳକୁ ମାଟି ଉପରକୁ ଓହ୍ଲାଇ ସାଧାରଣ ଲୋକଙ୍କ କଥା ଶୁଣିବା ପାଇଁ କାରଣଟିଏ ପାଲଟିବ। କାରଣ ବାସ୍ତବ ରାଜନୀତି ଏତିକି ଦୂର ପର୍ଯ୍ୟନ୍ତ ହିଁ ନେଇ ପାରିଥାଏ; ଲୋକମାନଙ୍କ ଇଚ୍ଛା ହିଁ ସବୁକିଛି କାର୍ଯ୍ୟକୁ ସମ୍ପାଦନ କରିଥାଏ ।



## ରିଲ୍ସ ନିଶା : ଜୀବନ ପ୍ରତି ବିପଦ

**ଦଶରଥ ହେମ୍ବ୍ରମ୍**

ଚଳନ୍ତି ସମୟରେ ରିଲ୍ସ ନିଶା ଏକ ପ୍ରକାର ଛୋଟ କଥା କହିବା ଯଥାର୍ଥ ନୁହଁ କିମ୍ବା ଏହା ମଣିଷ ଜୀବନକୁ ଆନନ୍ଦ ଦେଇଥାଏ ଭାବିବା ମଧ୍ୟ ସଂପୂର୍ଣ୍ଣ ଭୂଲ ହେବ। ହଁ, ଏତିକି ଆମେ କହି ପାରିବା ଯେ ରିଲ୍ସ ବନେଇ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରି ରୋଜଗାରକ୍ଷମ ହେବା ଏବଂ ରାତାରାତି ଷ୍ଟାର ବନିଯିବାର ଏକ ମାଧ୍ୟମ। କିନ୍ତୁ ଜୀବନ ଚାଲିଯିବାର ଏଠି ଢେର ସମ୍ଭାବନା ରହିଛି। ରେଳଧାରଣା, ପାହାଡ଼, ନଦୀ କୂଳ, ସମୁଦ୍ର, ଗଭୀର ପାଣି, ଘାଟି ଭଳି ବିପଦଜନକ ସ୍ଥାନରେ ରିଲ୍ସ ବନେଇ ସାମାଜିକ ଗଣମାଧ୍ୟମରେ ଅପଲୋଡ଼ କରି ନାମ କମେଇବା ଏତେ ସହଜ ନୁହଁ କିନ୍ତୁ ସେହି ସମୟରେ ମଣିଷ ହିତାହତ ଜ୍ଞାନ ଭୁଲିଯାଏ, ଯେଉଁଥିପାଇଁ ଜାଣିଶୁଣି ତା' ଜୀବନ ମରଣ ମୁହଁକୁ ଠେଲିଦେଉଛି। ଗଛରେ ଚଢ଼ି ନାଚିବା, ପହଁରି ନଜାଣି ପାଣିକୁ ଡେଇଁପଡ଼ିବା, ଚାଲୁଥିବା ରେଳଗାଡ଼ି ଆଗରେ ରିଲ୍ସ କରିବା, ପାହାଡ଼ ଶିଖରରୁ ଖସି ଜୀବନ ହରାଇଦେବା ଭଳି ଘଟଣା ଅନେକାଂଶ ଜାଗାରେ ଆମେ ଦେଖିବାକୁ ପାଇଛୁ ଏବଂ ଗଣମାଧ୍ୟମରେ ତାହା ପ୍ରଚାର ଓ ପ୍ରସାର ମଧ୍ୟ କରାଯାଉଛି। ଏନେଇ ଗୃହବିଭାଗ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉଛି ଏବଂ ବିପଦଜନକ ଜାଗାକୁ ନଯିବା ପାଇଁ ପରାମର୍ଶ ଦିଆଯାଉଛି। ତଥାପି, ଏ ମଣିଷ କିଛି ନବୁଝି-ନଶିଖି ରିଲ୍ସ ପଛରେ ବାରମ୍ବାର ଧାଉଁଛି।

ଛୋଟ ପିଲାଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ରିଲ୍ସନିଶା କବଳରେ କବଳିତ ହେଲେଣି। ସାମାଜିକ ଗଣମାଧ୍ୟମରେ ପ୍ରସିଦ୍ଧ ହେବାପାଇଁ ଅଜବ ଅଜବ ଭିଡିଓ ସବୁ ଫେସ୍‌ବୁକ୍, ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମରେ ଅପଲୋଡ଼ କରୁଛନ୍ତି। ପରବର୍ତ୍ତୀ ସମୟରେ ଏହା ସେମାନଙ୍କ ପାଇଁ ଅସୁବିଧାର କାରଣ ପାଲଟିଯାଉଛି। ସେଥିପ୍ରତି କାହାରି ସତର୍କତା କିମ୍ବା ସଚେତନତା ନାହିଁ। ଆମେ ସମସ୍ତେ ଜାଣିଛୁ, ମଣିଷ ଜନ୍ମମାତ୍ରେ ମୃତ୍ୟୁ ସୁନିଶ୍ଚିତ। କିନ୍ତୁ ରିଲ୍ସ ପାଇଁ ନିଜ ଜୀବନ ମରଣ ମୁହଁକୁ ଠେଲି ଦେବା ତା'ହା କେତେ ଯୁକ୍ତିଯୁକ୍ତ ହଜାରେଥର ଭାବିବା ପ୍ରତି ମଣିଷର କର୍ତ୍ତବ୍ୟ। କିନ୍ତୁ ତାହା ନକରି କିଛିନା କିଛି ଆମ ପାଖରେ ସେଇ ଅଭାବ ରହିଯାଉଛି, ଯଦ୍ୱାରା ଜୀବନକୁ ଆମେ ବାଜି ଲଗେଇ ଦେବାକୁ ପଛାଉନାହୁଁ। କୁହାଯାଏ, ମଣିଷ ଜନମ ଅତି ସୁନ୍ଦର, ଚମତ୍କାର ଜୀବନ କିନ୍ତୁ ଏ କଥା ଆମେ କ୍ଷଣିକରେ ଭୁଲିଯାଉଛେ। ରୋଜଗାର ଏବଂ ସମାଜରେ ପ୍ରସିଦ୍ଧ ହେବା ପଛରେ ପଡି ବହୁ ମୂଲ୍ୟବାନ ସମୟକୁ ନଷ୍ଟ କରିଦେଉଛୁ। ସେହି ସମୟ ମଧ୍ୟରେ ଥରେବି ଆମେ ଭାବୁନୁ ଯେ ମୁଁ ବି କେମିତି ଭଲ ମଣିଷଟିଏ ହେବି ? ଜୀବନକୁ ବିପଦରେ ନପକାଇ ନିରାପଦରେ ରହି ଶାଗ, ପଖାଳ ଖାଇ ଖୁସିରେ ଟିକେ ବଞ୍ଚିବାକୁ, କାହାକୁ ଅନୁସରଣ ନକରି ନିଜ ବୁଦ୍ଧିରେ ରୋଜଗାର କରିବା ବାସ୍ତବରେ ଶିକ୍ଷାର ମୂଲ୍ୟ ଜୀବନକୁ ଦେଇଥାଏ। ଆଜିକା ସମୟରେ ତାହା ଓଲଟା ହେଇଯାଉଛି, ତେବେ ଏତିକି ଆମେ ଜାଣିବା ଦରକାର ଯେ, ଏସବୁ କରିବା ତୁଚ୍ଛ କିନ୍ତୁ ମଣିଷ ଜୀବନକୁ କେବେବି ଶାନ୍ତି ଦେଇ ପାରିବନାହିଁ ବରଂ ଅଶାନ୍ତି କରି ଜୀବନକୁ ପଙ୍ଗୁ କରିଦେବ। ଏକଥା କେହି ବିଶ୍ୱାସ କରନ୍ତୁ ଅବା ନକରନ୍ତୁ କିନ୍ତୁ ଏହା କଟୁ ସତ୍ୟ।

ଆଜିକାଲି ମୋବାଇଲ ଫୋନ ଏପରି ଏକ ମାଧ୍ୟମ ସାଜିଛି ଯେ ତା' ବିନା ଏକ ମିନିଟ ମଧ୍ୟ ଲୋକମାନେ ସମୟ ବିତାଇ ପାରୁନାହାନ୍ତି। ରାସ୍ତାରେ ଚାଲୁଥିବା ସମୟରେ ଆଗ-ପଛ କିମ୍ବା ବାମ-ଡାହାଣ କେହି ଦେଖୁନାହାନ୍ତି, ସମସ୍ତଙ୍କ ନଜର କେବଳ ହାତରେ ଧରିଥିବା ମୋବାଇଲ ଉପରେ। ଏମିତିକି ଟ୍ରେନ ଏବଂ ବସରେ ଯାତ୍ରା କରୁଥିବା ସମୟରେ ମଧ ଯାତ୍ରୀମାନେ ମୋବାଇଲରେ ବ୍ୟସ୍ତ ରହିଥାନ୍ତି। ରେଷ୍ଟୁରାଣ୍ଟ କିମ୍ବା ଘରେ ଭୋଜନ କରିବା ସମୟରେ ମୋବାଇଲର ଆବଶ୍ୟକତା ରହିଛି, ନତୁବା ସେଦିନ ଖାଇବାରେ ଅଧିକ ଲୁଣିଆ ହେବାଟା ସୁନିଶ୍ଚିତ, ପରେ ସମ୍ପର୍କ ଖରାପ ହେବାର ଶତପ୍ରତିଶତ ବିଶ୍ୱାସ କରାଯାଇପାରେ, ଏଥିରେ ସନ୍ଦେହର ଅବକାଶ ନାହିଁ । ତେଣୁ ମୋବାଇଲ ମଣିଷକୁ ଏମିତି ରୋଗରେ ଆକ୍ରାନ୍ତ କରିଦେଇଛି ଯେ ଔଷଧ ଦେଲେ ମଧ୍ୟ ତାହା ଆରୋଗ୍ୟ ହେବାର ପ୍ରଶ୍ନ ଉଠୁନାହିଁ କିମ୍ବା ଗୁଣିଗାରେଡ଼ି ଦ୍ୱାରା ଝଡ଼ାଫୁଙ୍କା କରିଦେଲେ ଯେ ରୋଗମୁକ୍ତ ହେଇଯିବ ତାହାବି ସମ୍ଭବ ନୁହଁ। ତେବେ ମୋବାଇଲ ବ୍ୟବହାର ନେଇ ଆମ ଦେଶରେ ସର୍ଭେ କରାଯାଇଥିବା ତଥ୍ୟ ମୁତାବକ ଗତ ଆଠ ବର୍ଷ ମଧରେ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ୬୦ ନିୟୁତକୁ ଏବଂ ସ୍ମାର୍ଟଫୋନ୍‌ର ବ୍ୟବହାରିଙ୍କ ସଂଖ୍ୟା ୧୫୦ ନିୟୁତରୁ ୭୫୦ ନିୟୁତକୁ ବୃଦ୍ଧିପାଇଛି। ଅଧାରୁ ଅଧିକ ଲୋକଙ୍କ ପାଖରେ ଦୁଇଟା ଲେଖାଏଁ ମୋବାଇଲ ରହିଛି। ଚାରିଜଣଙ୍କ ମଧ୍ୟରେ ଜଣେ ସ୍ମାର୍ଟ ଫୋନ ଧରୁଥିବାବେଳେ ଅନ୍ୟ ଦୁଇଜଣ ଅନ୍ୟ ମୋବାଇଲ ଧରୁଛନ୍ତି। ଏଇଠୁ ଜଣାପଡୁଛି ଯେ ୧୦୦ ପ୍ରତିଶତରୁ ୭୫ ପ୍ରତିଶତ ଭାରତୀୟ ମୋବାଇଲ ବ୍ୟବହାର କରନ୍ତି। ସମଗ୍ର ଦେଶ ତୁଳନାରେ ୬୪ ପ୍ରତିଶତ ନାଗରିକ ମୋବାଇଲ ଫୋନ୍ ବ୍ୟବହାର କରୁଥିବାସ୍ଥଳେ ପ୍ରାୟ ୨୪ ପ୍ରତିଶତ ଭାରତୀୟଙ୍କ ହାତରେ ସ୍ମାର୍ଟଫୋନ୍ ରହିଛି। ଏମିତି ଦେଖିବାକୁ ଗଲେ, ୬୧ ପ୍ରତିଶତରୁ ଅଧିକ ଲୋକ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଅଛନ୍ତି। ୨୦୧୫ ରୁ ୨୦୨୫ ମଧ୍ୟରେ ଏହି ସଂଖ୍ୟା ଦଶଗୁଣା ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ ଆକଳନ କରିସାରିଛନ୍ତି। ତେବେ ରିଲ୍ସ ତିଆରି କରିବା ନିଶା ଅନ୍ୟ ଦେଶ ତୁଳନାରେ ଆମ ଦେଶ ଆଗରେ ରହିଛି ବୋଲି ସୋସିଆଲ୍ ଇନସାଇଡ୍ ସର୍ଭେକ୍ଷଣରୁ ଜଣାପଡିଛି। ୩୧ ପ୍ରତିଶତ ରିଲ୍ସ ତିଆରି କରି ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରିଥିବା ବେଳେ ମୁଖପୁସ୍ତିକା ୧୪ ପ୍ରତିଶତ ପୋଷ୍ଟ ରହିଛି। ରିଲ୍ସ କାରଣରୁ ଅବାଞ୍ଛିତ ମୃତ୍ୟୁ ମାମଲା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପାଠପଢୁଥିବା ଯୁବକ-ଯୁବତୀ ବୋଲି ଆକଳନ କରାଯାଇଛି। ରିଲ୍ସ ଆକର୍ଷଣୀୟ ଦେଖା ଯିବାପାଇଁ ଅନେକଥର ଯୁବକମାନେ ଦ୍ରୁତଗାମୀ ଟ୍ରେନରୁ ଫୋଟ ଉତ୍ତୋଳନ କରିବା, ନାଚିବା, ବାହାଦୂରୀ ମାରିବା ଭଳି ଚିତ୍ର ସାମନାକୁ ଆସିଛି। ଏମିତି ଦେଖିବାକୁ ଗଲେ, ରିଲ୍ସ ସହିତ ଜୀବନର କୌଣସି ସମ୍ପର୍କ ନାହିଁ କିନ୍ତୁ ସମାଜରେ ପ୍ରସିଦ୍ଧ ହେବା ପାଇଁ ମୂଲ୍ୟବାନ ଜୀବନକୁ ମୂଲ୍ୟହୀନ କରିଦେବା, ଏଯାଠୁ ଆଉ କ'ଣ ବଡ କଥା ହେଇପାରେ ! ତେବେ, ପ୍ରଯୁକ୍ତି ବିଦ୍ୟାର ଅପବ୍ୟହାର ଏତେ ପରିମାଣରେ ବୃଦ୍ଧି ପାଇଛି, ଏହାକୁ ରୋକିବାପାଇଁ ବହୁବର୍ଷ ଲାଗି ଯାଇପାରେ।

ପ୍ରତ୍ୟେକ ବ୍ୟକ୍ତି ତାଙ୍କ ସୁବିଧା ଅନୁଯାୟୀ ସାମାଜିକ ଗଣମାଧ୍ୟମ ବ୍ୟବହାର କରିଥାନ୍ତି। ବ୍ୟବସାୟ କମ୍ପାନୀଗୁଡିକ ଏହାକୁ ନିଜପାଇଁ ଲାଭଦାୟକ ସୁଯୋଗ ଭାବରେ ବିବେଚନା କରୁଛନ୍ତି। ଅନେକ ଲୋକ ଏହାକୁ ରୋଜଗାର ପନ୍ଥା ଅବଲମ୍ବନ କରି ସାରିଥିବା ବେଳେ କିଛି ଲୋକ ଏହାକୁ ଜ୍ଞାନ ବଢାଇବା ପାଇଁ ବ୍ୟବହାର କରୁଛନ୍ତି କିନ୍ତୁ ଅଧିକାଂଶ ଲୋକ ରିଲ୍ସ ଦେଖି ଆନନ୍ଦର ସୁଯୋଗ ନେଉଛନ୍ତି। କିନ୍ତୁ ଏହାଦ୍ୱାରା ଆପଣଙ୍କର କଣ ସବୁ କ୍ଷତି ହୁଏ, ଏନେଇ କାହାରି ଧାରଣା ନାହିଁ କିମ୍ବା ଏହାର ସଠିକ ଉତ୍ତର ଖୋଜିବା ପାଇଁ କାହାରି ପାଖରେ ସମୟ ନାହିଁ, ଅଧିକ ମାତ୍ରାରେ ରିଲ୍ସ ଦେଖିବା ସମୟ ମିଳିଯାଏ ସିନା ଦେହକୁ ଯନ୍ତ୍ରନେବା ପାଶୋରି ଦିଅନ୍ତି। ଯାହାଫଳରେ ଅଳସୁଆ ଲାଗିବା ସହ କୌଣସି କାମ କରିବାକୁ ଇଚ୍ଛା ହୋଇ ନ ଥାଏ। ଏନେଇ ଏକ ପରୀକ୍ଷଣରୁ ଜଣା ପଡିଛି ଯେ ୬୦ ପ୍ରତିଶତ ଲୋକଙ୍କର ରିଲ୍ସ ଦେଖିବା ଦ୍ୱାରା ମୁଣ୍ଡବିନ୍ଧା, ମାଇଗ୍ରେନ, ନିଦ ନହେବା ଭଳି ଅନେକ ସମସ୍ୟା ଦେଖାଦେଉଛି।

ଦୈନନ୍ଦିନ ଜୀବନରେ ଫୋନକୁ ଏକ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ରୂପେ ଲୋକେ ଆପଣାଇ ସାରିଲେଣି। ସାମାଜିକ ଗଣମାଧ୍ୟମରେ ରିଲ୍ସ ବନାଇବାର ନିଶାରେ ପିଲାମାନେ ମଧ ପଛରେ ନାହାନ୍ତି। ପିଲାଟି ଜନ୍ମ ହେବା ପରେ ପରେ ବାପାମାଆ ମୋବାଇଲ କିଣି ପିଲାଙ୍କୁ ଧରେଇ ଦେଉଛନ୍ତି। ଆକର୍ଷଣୀୟ ଓ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠ ଦେଖାଇବା ପାଇଁ ରିଲ୍ସ କିମ୍ବା ଫୋଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରି ଲାଇକ ଓ କମେଣ୍ଟ ପାଇବା ପାଇଁ ପାଗଳ ହୁଅନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେହି ପିଲାଟିର ବୟସ ବୃଦ୍ଧି ହେବା ପରେପରେ ତା'ର ସାଙ୍ଗସାଥିଙ୍କ ଗହଣରେ ଅବାଟକୁ ଆସି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବା, ଏକଥା ଅଭିଭାବକ ହୁଏତ କେବେ ଭାବି ନଥାଏ। ପିଲାର ଖୁସି ପାଇଁ ତା'ର ଭବିଷ୍ୟତ ସବୁଦିନ ପାଇଁ ଅନ୍ଧାର ଆଡ଼କୁ ଠେଲି ଦିଆଯାଉଛି। ବେଳେବେଳେ ଏମିତିବି ହେଇଯାଏ, ମୋବାଇଲରେ ଗେମ୍ ଖେଳି ଜୀବନ ହରାଇ ଦେବାରେ ମାନସିକ ବାଧ କରିଥାଏ। ଏଥିପ୍ରତି ଅଭିଭାବକମାନେ ସଜାଗ ରହିବା ନିହାତି ଜରୁରୀ ଏବଂ ରିଲ୍ସ ନିଶାରୁ ମୁକ୍ତି ପାଇବା ସଙ୍ଗେସଙ୍ଗେ ନିଜକୁ ସୁସ୍ଥ ରଖିବା ସହିତ ଅନ୍ୟମାନଙ୍କୁ ଏଥିରୁ ବଞ୍ଚାନ୍ତୁ।


ଦୁର୍ନୀତି ନିବାରଣ ଅଧିକାରୀ,
ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର
ଖଣ୍ଡ, ବାଲେଶ୍ୱର,
ମୋ-୯୩୩୭୪୦୪୨୫୪


## ମତଦାନ ଆଚରଣ

**ମହେଶ୍ୱର ପାତ୍ର**



ସମଗ୍ର ଦେଶରେ ଗଣତନ୍ତ୍ରର ମହାପର୍ବ (ନିର୍ବାଚନ) ଆରମ୍ଭ ହୋଇ ସାରିଛି। ଦିନ କେଇଟା ପରେ ଆମ ରାଜ୍ୟରେ ମଧ ଆରମ୍ଭ ହେବ। ଏଥି ନିମନ୍ତେ ସମସ୍ତ ରାଜନୈତିକ ଦଳର ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ଉପନୀତ । ଗାଁ ଗାଁ ରେ ପ୍ରଚାର ଜୋର୍ ଧରିଲାଣି ଆଉ କିଛି ଦିନ ପରେ ଅଗଣିତ ଲୋକପ୍ରିୟ ଓଡିଆ ଓ ହିନ୍ଦୀ ଗୀତ ମାଧ୍ୟମରେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ଘରକୁ ଘର ବୁଲି ନିଜ ପାଇଁ ଭୋଟ ଭିକ୍ଷା କରିବେ। ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ଆପ୍ରାଣ ଉଦ୍ୟମ କରିବେ। ଅସଂଖ୍ୟ ପ୍ରତିଶୃତି ଓ ଅଧୁରା ସ୍ୱପ୍ନ ପୂରଣର ନାରା ଦେଇ ନିର୍ବାଚନ ବୈତରଣୀ ପାରି ହେବାକୁ ଚେଷ୍ଟା କରିବେ । କେହି ସଫଳ ହେବେ ତ, କେହି ବିଫଳ; କିନ୍ତୁ ଅନେକ ଏଥିରୁ ଶିକ୍ଷା ଲାଭ କରି ଆଗାମୀ ଲଢେଇ ପାଇଁ ପ୍ରସ୍ତୁତି ହେବେ।ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ଦେଶ ହିସାବରେ ଭାରତ ସମଗ୍ର ବିଶ୍ୱରେ ଏହି ନିର୍ବାଚନ ରୂପକ ମହାପର୍ବ ମାଧ୍ୟମରେ ନିଜର ଉପସ୍ଥିତି ଜାହିର କରିବ।କୋଟି କୋଟି ମତଦାତା ଆଗାମୀ ପାଞ୍ଚ ବର୍ଷ ପାଇଁ ସେମାନଙ୍କ ପ୍ରତିନିଧି ବାଛିବେ।କେହି ନିଜର ବିବେକର କଥା ଶୁଣିବେ ତ କେହି କେହି ପ୍ରଲୋଭିତ ହେବେ ପୁଣି କେହି ନିଜର ଏକମାତ୍ର ଭୋଟ ଦ୍ୱାରା ଦେଶର କଣ ପରିବର୍ତ୍ତନ ହୋଇଯିବ ଭାବି ଭୋଟ ଦାନରୁ ବିରତ ମଧ ରହିବେ। ତେବେ,ଏହି ଅବସରରେ ଆସନ୍ତୁ ନଜର ପକେଇବା ଆମ ଦେଶରେ ନିର୍ବାଚନ ସମୟରେ ଜନସାଧାରଣଙ୍କ ମତଦାନ ଆଚରଣକୁ ପ୍ରଭାବିତ କରୁଥିବା ବିଭିନ୍ନ କାରକ ବା ଉପାଦାନ ଗୁଡ଼ିକ ଉପରେ।

ନିର୍ବାଚନ ସମୟରେ, ମତଦାନ ବେଳେ ମତଦାତା ମାନେ ସାଧାରଣତଃ ଯେଉଁ ପ୍ରବୃତ୍ତି ପ୍ରଦର୍ଶନ କରନ୍ତି ତାହାକୁ ମତଦାନ ଆଚରଣ ବୋଲି କୁହାଯାଏ। ମତଦାନ ହେଉଛି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ମାନଙ୍କ ମଧ୍ୟରୁ ଜଣଙ୍କ ପ୍ରତି ମତଦାତାଙ୍କ ଅଧିମାନ୍ୟ ବିଚାର।କିନ୍ତୁ ସମୟେ ସମୟେ ଏହି ବିଚାର ନିଜସ୍ୱ ନହୋଇ ବହୁ ଗୁଡିଏ ଘଟଣା ବା କାରକ ଦ୍ୱାରା ପ୍ରଭାବିତ ହୋଇଥାଏ । ଯଦି ବାସ୍ତବ କ୍ଷେତ୍ରରେ ଦେଖାଯାଏ ତେବେ ଅନେକ ଗୁଡ଼ିଏ କାରକ ନିର୍ବାଚନ ସମୟରେ ମତଦାତାଙ୍କୁ ପ୍ରଭାବିତ କରିଥାନ୍ତି। ସେହି କାରକ ଗୁଡ଼ିକ ମଧ୍ୟରେ ସର୍ବାଗ୍ରେ ଆସିବ 'ଜାତି' । ଭାରତୀୟ ରାଜନୀତିରେ ଜାତିର ଭୂମିକା ଅନସ୍ୱୀକର୍ଯ୍ୟ। ଏଠାରେ ଅଧିକାଂଶ ମତଦାତା ଜାତି ଦ୍ୱାରା ପ୍ରଭାବିତ ହୋଇ ମତଦାନ କରିବାର ନଜିର ରହିଛି। ଏପରିକି ଆମ ଦେଶରେ ଜାତି ଆଧାରରେ ଅନେକ ରାଜନୈତିକ ଦଳ (ସମାଜବାଦୀ ପାର୍ଟି ଓ ବହୁଜନ ସମାଜବାଦୀ ପାର୍ଟି)ଗଠନ ହୋଇ ଦୀର୍ଘ ବର୍ଷ ଧରି କ୍ଷମତା ଉପଭୋଗ କରିଛନ୍ତି। ଦେଶର ଅନେକ ନିର୍ବାଚନ ମଣ୍ଡଳୀ ଜାତି ଆଧାରରେ ସଂରକ୍ଷିତ। ନିର୍ବାଚନ ବେଳେ ମତଦାତା ମାନେ ପ୍ରାର୍ଥୀଙ୍କ ଜାତିକୁ ଭୋଟ ଦେବାର ଏକ ପରିମାପକ ରୂପେ ବିଚାର କରନ୍ତି। ଯଦି ପ୍ରାର୍ଥୀ ଜଣକ ସଂଖ୍ୟାଗରିଷ୍ଠ ଜାତିକୁ ପ୍ରତିନିଧିତ୍ୱ କରୁଥାନ୍ତି ତେବେ ତାଙ୍କ ଜିତିବା ସମ୍ଭାବନା ଅନ୍ୟ ମାନଙ୍କ ଅପେକ୍ଷା ଅଧିକ ହୋଇଯାଏ। ପ୍ରତିଷ୍ଠିତ ରାଜନୈତିକ ଦଳ ମାନେ ସେହି ପ୍ରାର୍ଥୀଙ୍କୁ ଟିକେଟ ଦେବାକୁ ଉଚିତ ମଣନ୍ତି।

ଏହି ତାଲିକାର ଦ୍ୱିତୀୟରେ ଆସିବ ଧର୍ମ। ଭାରତୀୟ ମତଦାତା ମାନଙ୍କୁ ମତଦାନ ସମୟରେ ପ୍ରଭାବିତ କରିବାରେ ଧର୍ମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।ଯଦିଓ ଆମ ସମ୍ବିଧାନର ଧାରା ୨୫ ରୁ ୨୮ ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ରୂପେ ଚିତ୍ରଣ କରେ ତଥାପି ଜନମତ ସୃଷ୍ଟି କରିବାରେ ଏହାକୁ ଏକ ଅସ୍ତ୍ର ରୂପେ ବ୍ୟବହାର କରାଯାଏ ଏବଂ ନିର୍ବାଚନ ସମୟରେ ସଧାରଣ ଜନତା ଏହା ଦ୍ୱାରା ଅନେକ ମାତ୍ରାରେ ପ୍ରଭାବିତ ହୋଇଥାଆନ୍ତି।, ଅକାଳୀ ଦଳ, ମୁସଲିମ ଲିଗ, ଶିବସେନା ଆଦି ଧର୍ମ ଭିତ୍ତିକ ରାଜନୈତିକ ଦଳ ହିସାବରେ ଅନେକ ବର୍ଷ ଧରି ଆମ ଦେଶରେ କାର୍ଯ୍ୟ କରୁଛନ୍ତି ଏବଂ ଏହି ଦଳ ଗୁଡ଼ିକ ନିର୍ବାଚନ କମିଶନ ଦ୍ୱାରା ସ୍ୱୀକୃତିପ୍ରାପ୍ତ।

ମତଦାତାଙ୍କୁ ପ୍ରଭାବିତ କରୁଥିବା ତୃତୀୟ ଉପାଦାନ ହେଉଛି ଭାଷା।ଭାରତ ହେଉଛି ଏକ ବିଶାଳ ଦେଶ।ଏଠାରେ ଅସଂଖ୍ୟ ଭାଷାଭାଷୀ ଲୋକେ ବାସ କରନ୍ତି।ବିବିଧତା ମଧ୍ୟରେ ଏକତା ଭାରତର ପରିଚୟ ହୋଇଥିଲେ ମଧ ବେଳେ ବେଳେ ଛୋଟିଆ ପ୍ରସଙ୍ଗଟିଏ ସରକାରଙ୍କୁ ଗାଦିଚ୍ୟୁତ କରିବାରେ ସକ୍ଷମ ହୋଇଥାଏ। ବୋଧ ହୁଏ ବିଶ୍ୱରେ ଭାରତ ହେଉଛି ଏକ ମାତ୍ର ଦେଶ ଯେଉଁଠି ଭାଷା ଆଧାରରେ ଅନେକ ରାଜ୍ୟ ସୃଷ୍ଟି ହୋଇଛନ୍ତି। ଆଉ ଯଦି ରାଜନୈତିକ ଦଳ କଥା କହିବା ତେବେ ଆନ୍ଧ୍ର ପ୍ରଦେଶର ଟିଡିପି ଓ ତାମିଲନାଡୁର ଡିଏମକେ ଆଦିଙ୍କୁ ଭାଷା ଭିତ୍ତିକ ରାଜନୈତିକ ଦଳ ହିସାବରେ ଗ୍ରହଣ କରାଯାଏ। ଏମାନେ ଭାଷା ଭିତ୍ତିରେ ବିଭେଦ ସୃଷ୍ଟି କରି ଭୋଟ ହାତେଇବାକୁ ପଛାନ୍ତି ନାହିଁ।ଆମ ରାଜ୍ୟର ପଶ୍ଚିମାଞ୍ଚଳ ଯେ ଦୃଷ୍ଟିରୁ ଖୁବ୍ ସମ୍ବେଦନଶୀଳ। ଆଞ୍ଚଳିକତାବାଦ



(ଚତୁର୍ଥ), ହେଉଚି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାରକ ଯାହା ସାମ୍ପ୍ରତିକ ରାଜନୀତିକ ପରିସ୍ଥିତିରେ ନିଜର କାୟା ବିସ୍ତାର କରି ଚାଲିଛି। ଏହି ଭାବନା ମତଦାତାଙ୍କ ମନରେ ସଂକୀର୍ଣ୍ଣତା ଭାବ ଭରିଦିଏ ଯାହା ଭାରତ ପରି ଏକ ସଙ୍ଘୀୟ ରାଷ୍ଟ୍ର ପାଇଁ କୌଣସି ଦୃଷ୍ଟିରୁ ଶୁଭଙ୍କର ନୁହେଁ। ବିଶେଷ କରି ଆଞ୍ଚଳିକ ଦଳ ମାନଙ୍କର ଅଭ୍ୟୁଦୟ ଏହି ଅବଧାରକ ଟିର ସୃଷ୍ଟି ପଛରେ ମୂଳ କାରଣ।ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରତି ଅହେତୁକ ଭଲପାଇବା ତଥା ଅନ୍ୟ ଅଞ୍ଚଳ ପ୍ରତି ଘୃଣା ଭାବ ସୃଷ୍ଟି କରିବା ହେଉଛି ଆଞ୍ଚଳିକତାବାଦ।ରାଜନୈତିକ ନେତୃବୃନ୍ଦ ନିରୀହ ଜନସାଧାରଣଙ୍କ ମନରେ ଆଞ୍ଚଳିକତା ମନୋଭାବ ସୃଷ୍ଟି କରି କ୍ଷମତା ଗାଦିରେ ବସିବାକୁ ଚେଷ୍ଟା କରିଥାଆନ୍ତି।ରାଜନେତା ମାନଙ୍କ ବ୍ୟକ୍ତିତ୍ୱ(ପଞ୍ଚମ କାରକ)ମଧ ଅନେକ ସମୟରେ ମତଦାନକୁ ପ୍ରଭାବିତ କରିଥାଏ। ଦେଶ ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ନେହେରୁଙ୍କ ବ୍ୟକ୍ତିତ୍ୱ ତଥା ପରେ ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଦ୍ୱାରା କଂଗ୍ରେସ ଖୁବ ଲାଭବାନ ହୋଇଥିଲା। ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ବିଜେପି ଅଟଳ ବିହାରୀ ବାଜପେୟୀଙ୍କ ଛବିକୁ ବ୍ୟବହାର କରି କେନ୍ଦ୍ରରେ ଏକାଧିକ ଥର ସରକାର ଗଠନ କରିବାରେ ସଫଳ ହୋଇଥିଲା। ଆମ ରାଜ୍ୟରେ ବିଜୁ ପଟ୍ଟନାୟକଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ତାଙ୍କୁ ରାଜ୍ୟରେ ଅଦ୍ୱିତୀୟ ନେତା ରୂପେ ପ୍ରତିଷ୍ଠିତ କରିଥିଲା ଏବଂ ଅପରାଜେୟ ମନେ ହେଉଥିବା କଂଗ୍ରେସକୁ ଗାଦିଚ୍ୟୁତ କରିବାରେ ସକ୍ଷମ ହୋଇଥିଲା।

ଉପରୋକ୍ତ କାରକ ଗୁଡିକ ବ୍ୟତୀତ ଆହୁରି ଅନେକ କାରକ ଯଥା : ଅର୍ଥବଳ,ବାହୁବଳ, ନିର୍ବାଚନୀ ହାୱା, ନିରକ୍ଷରତା, ଲିଙ୍ଗ ଭେଦ ଆଦି ଭୋଟରଙ୍କ ମତଦାନ ଆଚରଣକୁ ପ୍ରଭାବିତ କରିବାର କ୍ଷମତା ରଖନ୍ତି କିନ୍ତୁ ଜଣେ ସଚ୍ଚୋଟ ତଥା ନୀତିବାନ ମତଦାତା ହିସାବରେ ଆମେ ସଠିକ୍ ପ୍ରାର୍ଥୀଙ୍କୁ ଚୟନ କରିବାର ଆବଶ୍ୟକତା ରହିଛି। କୌଣସି ଲୋଭର ବଶବର୍ତ୍ତୀ ନହୋଇ ନିର୍ଭୀକ ଭାବରେ ନିଜ ନାଗରିକତ୍ୱ ଅଧିକାରକୁ ସାବ୍ୟସ୍ତ କରିବାର ଅଛି, ତେଣିକି ପରିସ୍ଥିତି ଯାହା ହେଉନା କାହିଁକି। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏହା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍


ଲେଖକ
ବ୍ରହ୍ମଗିରି,ପୁରୀ
ମୋ:୭୦୦୮୦୬୫୮୭୫





### ଭୋଟ

**ଧନୁର୍ଯ୍ୟ ମାଝୀ**



ସ୍ୱାଧୀନ ଦେଶର ଗଣତନ୍ତ୍ର ମୋର
ଭୋଟ ଦେବା ମୋର ପରିଚୟ
ଦୁଃଖୀ ଦରିଦ୍ରକୁ ଚିହ୍ନି ପାରୁଥିଲେ
ତାକୁ କରିବା ଆମେ ବିଜୟ ।

ଅଠର ବର୍ଷ ଯାଏଁ ଅପେକ୍ଷାରେ ଥିଲି
ଦେଶର ନାଗରିକତା ପାଇଁ
ଗଣତନ୍ତ୍ର ଦେଶରେ ପାଦ ପକାଇ
ଦେଲି
ମୋ ଦେଶର ଉନ୍ନତି ପାଇଁ ।

ସଚ୍ଚୋଟ ମଣିଷ କେମିତି ବାଛିବା
ଯିଏବା ଜିଣିବା ଭୋକ
ଭୋକ ଉଆଁସରେ ହଜିଯାଇ ନିଜେ
ଲୋକଙ୍କୁ ଦେଉଥିବ ସୁଖ ।

ହେଲେ, ଯିଏ ବୁଝୁଥିବ ଦୁଃଖ ଓ
ସୁଖ
ତାକୁ ମିଳିବନାହିଁ ଭାଇ ଏଠି ଭୋଟ
ଯିଏ ଘରେ ଘରେ ବୁଲି ବାଣ୍ଟିବ
ନୋଟ
ତାକୁ ମିଳିବ ଭାଇ ଏଠି ଭୋଟ ।

ସତର ବର୍ଷ ଯାଏଁ ଲାଞ୍ଚ ଖାଇନଥିଲି
ଅଠର ବର୍ଷେ ପାଦ ଦେଲି
ଯେଉଁ ଦିନଠାରୁ ଭୋଟ ଦାନ କଲି
ସେବେଠୁ ଲାଞ୍ଚୁଆ ହେଲି ।


ଗ୍ରାମ -ବଣ୍ଡୋଗୁଡା,
ଜୁନାଗଡ଼(କଳାହାଣ୍ଡି)
ମୋ: ୭୭୩୫୧୫୯୨୩୫


### ନିଦାଘକୁ ନିବେଦନ

**କାର୍ତ୍ତିକ ସେଠୀ**



ରାଗ ତୋ'ର କହ
ପଞ୍ଚମ ହେଲା କି !
ରାହା ଗିଳି ପାଟି ଅବା
ସଂସାରଟା ଆଜି
ଅତିଷ୍ଠ ସତରେ
ରବି ଛାଡୁଛନ୍ତି -ବାବା !

ଅଂଶୁଘାତ ଅସ୍ତ୍ର
ପ୍ରବଳ କରିଛୁ
ଚାଲୁ ଚାଲୁ ଲୋକ -ଠକ୍
ନିଆଁ ବର୍ଷୁଥାଏ
ମୁହଁ ପୋଡ଼ିଯାଏ
ଛାତି ଥରୁଥାଏ - ଧକ୍ !

ବାରିପଦା ଆମ
ବାରି ପଟୁ କାନ୍ଦେ
ତା' ବିକଳ ଶୁଣ ଯାଇ
ବିଶ୍ୱ ରେକର୍ଡ ମୋ
ଦରକାର ନାହିଁ
ଛୟାଳିଶ ଟପିଲା ଭାଇ !

ହଇରେ ନିଦାଘ !
ହେଲୁ କିରେ ବାଘ ,
ଗିଳିବୁ କି ଛୁଆ ବୁଢ଼ା
ଡାଟି ଓ କବାଟ
ନିଛାଟିଆ ବାଟ
ଭୋଗୁଛନ୍ତି କେତେ ପୀଡ଼ା ।

ତୋ' ନିଷ୍ଠୁର ପଣେ
ଅଛି କି କାରଣ
କହ ଟିକେ ମୋର ଭାଇ !
ହନ୍ତସନ୍ତ କରୁ
ଜନତାଙ୍କୁ ମାରୁ
ଜମା ବୁଝି ହୁଏ ନାହିଁ !

(ଆମେ) ପାହାଡ଼ ପୂଜୁଛୁ
ଗଛ ଲଗାଉଛୁ
କ'ଣ କରିଥାନ୍ତୁ ଆଉ
କ'ଣ କଲେ କହ
ଅଟକିବୁ ତୁହି
ଶାନ୍ତ ହେବ ତୋର ଭାଉ !

ବାର ବାର କିଆଁ
ଲଗାଉଛୁ ନିଆଁ
ଜଳୁଛି ଶିମିଳିପାଳ
ହାତୀ ମାରେ ଡିଆଁ
ଖାଇ ଡାତି ଚିଆଁ
ଜନ୍ତୁକୁଳ ଲଭେ କାଳ ।

ଯୋଡହସ୍ତ ହୋଇ
କହୁଚିରେ ଭାଇ
ଏମିତି କରନା ଆଉ
ସବୁଜ ବଳୟେ
ହସୁ ଏଇ ଧରା
ଋତୁଚକ୍ର ମାନ ରହୁ ।


ପ୍ରତିଷ୍ଠାତା ଓ ମୁଖ୍ୟ ସମ୍ପାଦକ,
ଶବ୍ଦକୁଞ୍ଜ ପରିବାର, ଚଉମୁଖ,
ବାଲିଆପାଳ, ବାଲେଶ୍ୱର





# ଭଲକାମର ଆରମ୍ଭ ନିଜଆଡୁ ହେଉ



**ନଗେନ୍ଦ୍ର ନାଥ ପଟ୍ଟନାୟକ**



ଖରାଛୁଟିରେ ନିତିନ ପାପାଙ୍କ ସାଙ୍ଗରେ ଭୁବନେଶ୍ୱର ଟ୍ରେନ୍‌ରେ ଯାତ୍ରା କରୁଥିଲା । ଓଡିଶା ରାଜଧାନୀ ଭୁବନେଶ୍ୱରରେ ତା'ଦାଦାଙ୍କ ରାଜ୍ୟ ସରକାରଙ୍କ ଅଧୀନରେ ଚାକିରି । ସେ ସପରିବାର ରହୁଥାନ୍ତି ସରକାରୀ ଘରେ । ରେଳଗାଡି ଡିବାର ଝରକା ପାଖ ସିଟ୍‌ରେ ବେଶ୍ ଆରାମରେ ବସି ନିତିନ ବିସ୍କୁଟ ଖାଉଥାଏ । ଏହାଛଡା, ଖୋଲା ଝରକା ବାଟଦେଇ ବାହାର ଦୃଶ୍ୟକୁ ମନଭରି ଉପଭୋଗ କରୁଥାଏ । ସେତିକିବେଳେ ରେଳଗାଡିଟି ନଦୀର ପୋଲ ଉପର ଦେଇ ଛୁକୁଛୁକୁ ଶବ୍ଦକରି, ଶୂନ୍ୟକୁ ଧୂଆଁର କୁଣ୍ଡଳୀ କାଟି ଗଡୁଥାଏ ଆଗକୁ ଆଗକୁ । ନଦୀଟିର ପୋଲଟି ବେଶ୍ ପ୍ରଶସ୍ତ । ନିତିନ୍ ଝରକା ଦେଇ ଉଙ୍କିମାରି ଦେଖିଲା ନଈର ରଙ୍ଗ କଳା ଧୂସର ହୋଇଯାଇଚି । ପାଖରେ ବସିଥିବା ପାପାଙ୍କ ଆଡକୁ ମୁହଁ ବୁଲେଇ ଆଣି ପଚାରିଲା- 'ପାପା ! ଏ ନଈର ପାଣିର ରଙ୍ଗ ଇମିତି କାଇଁକି ହୋଇଚି' ? 'ପୁଅ ! ଏହା ପଛର କାରଣଟି ହେଉଚି ନଈର ପାଣି ଜମା ସ୍ୱଚ୍ଛ ନୁହେଁ , ଗୋଳିଆ ...।' ପ୍ୟାକେଟ୍‌ରୁ ଗୋଟେ ବିସ୍କୁଟ ବାହାର କରି ନିତିନ କହିଲା–'ପାଣି କାଇଁକି କାଚକେନ୍ଦୁ ଭଳି ସଫା ନୁହେଁ, ପାପା ନଈଟା ତ ପାହାଡ କୋଳରୁ ବାହାରିଚି ନା !' 'ପୁଅ ! ପାହାଡ ଉପରେ ଜମାଟ ବାନ୍ଧିଥିବା ବରଫରୁ ହିଁ ନଈଟି ବାହାରିଥାଏ । ଆରମ୍ଭରେ ତ ନଈର ପାଣି ସଫା ଆଉ ନିର୍ମଳ ଥାଏ । କିନ୍ତୁ ଯହୁଁଯହୁଁ ନଈଟି ଆଗକୁ ଆଗକୁ ବଢିଚାଲେ ତହିଁରେ ସେତେ ବେଶି ଶୁଖା କୁଟାକାଠି, ଅଳିଆ ଆବର୍ଜନା ଆଦି ଫିଙ୍ଗି ଦିଆଯାଏ । ଯାହାଫଳରେ ନଈର ପାଣି ପ୍ରଦୂଷିତ ହେଲା ଭଳି ମନେହୁଏ ।' ନିତିନ୍ ଅବୁଝା ଆଖିରେ ପୁଣି ପ୍ରଶ୍ନକଲା–'ସେ ଅଳିଆ ଆବର୍ଜନା କେମିତି ଆସେ, ପାପା ?' 'ନଈପାଣିରେ କଳକାରଖାନା, ସହର ଓ ଜିଲ୍ଲାର ଅଳିଆ ମଇଳା ସବୁ ଫୋପଡା ଯାଏ । ଏହାଦ୍ୱାରା ନଈର ପାଣି ସଫା, ନିରମଳ ରହେନାଇଁ ।' ଏତିକିବେଳେ ନିତିନ୍ ମନରେ ପୁଣି ପ୍ରଶ୍ନଟିଏ ଉଙ୍କିମାରିଲା । ସେ କୌତୂହଳରେ ପଚାରିଲା–'ପାପା ! ନଈପାଣିରେ ବସା ବନେଇ ରହୁଥିବା ମାଛମାନେ ଆଉ ଅନ୍ୟ ଜଳଚର ଜୀବଙ୍କ ଉପରେ ଏମିତି ଗନ୍ଧିଆ ପାଣିର ପ୍ରଭାବ କ'ଣ ପଡୁନଥିବ ।' ଏକାଧିକ ଥର ଏମିତି ପାଣିରେ ଗୋଳେଇ, ମିଳେଇ ହୋଇ ଯାଇଥିବା ବିଷାକ୍ତ ରାସାୟନିକ ପଦାର୍ଥର ମାତ୍ରା ଏତେ ବେଶି ହୋଇଯାଏ ଯେ ଏ ଅସନା ଜଳ ମଣିଷ ଜାତିକୁ କ୍ଷତି ପହଁଚାଏ । ମଣିଷ ଶରୀରରେ ଅନେକ ରୋଗ କାରଣ ହୋଇପାରେ । ପ୍ରଭାବ ତ ନିଶ୍ଚୟ ପଡିଥାଏ । ପାଣିରେ ମିଶିଥିବା ବିଷାକ୍ତ ରସାୟନିକ ଆଦି ପଦାର୍ଥ ଦ୍ୱାରା ବହୁତ ମାଛ ଆଉ ଅନ୍ୟାନ୍ୟ ଜଳଜୀବମାନେ ଛଟପଟ ହୋଇ ମରିଯାନ୍ତି । ଆଉ ଅନେକେ ବହୁ ରୋଗର ଶିକାର ହୋଇ ମରଣ ମୁଖରେ ପଡନ୍ତି । ନିତିନ୍ ପୁଣି ପଚାରିଲା-'ଆମେମାନଙ୍କ ଘରେ ଯେଉଁ ପାଣି ଆସେ ତାହାତ ଏମିତିକା ନଈରୁ ଆସୁଥିବ ନା ପାପା' 'ହଁ ପୁଅ ! ଆମକୁ ଏସବୁ ନଈର ପାଣି ମିଳିଥାଏ ଯାହାକୁ ଆମେ ବ୍ୟବହାର କରିଥାଉ । କିନ୍ତୁ ଜରୁରି କଥାଟା ହେଉଚି ଏ ନଈପାଣି ଘରକୁ ଯୋଗାଣ ହେବା ଆଗରୁ ସ୍ୱଚ୍ଛ, ନିର୍ମଳ କରାଯାଇଥାଏ । ତେବେ ଗୋଟେ କଥା ହେଜରେ ରଖିବା ଉଚିତ୍ ଯେ ପାଣି ଯେତେ ଅଧିକ ଗନ୍ଧିଆ ହେବ ସେଥିରେ ସେତେ ବେଶି ବିଷାକ୍ତ ରସାୟନିକ ପଦାର୍ଥ ଦେଖିବାକୁ ମିଳିବ । ସେତେବେଳେ ତାକୁ ସଫା, ନିର୍ମଳ କରିବା କାଠିକର ପାଠ ହୋଇପଡିବ ।' '...ତାହେଲେ ଯାର ମାନେ ପାଣିରେ ଅଳିଆ ଆବର୍ଜନା ନ ରହିବା ଉଚିତ୍ ନା' ନିତିନ୍‌ର ଦରୋଟି ପାଟିରୁ କଥା ପଦକ ଶୁଣିସାରି ପାପା ମୁଚୁକି ମୁଚୁକି ହସି ଉଠିଲେ । ପୁଅର କଅଁଳ ପିଠି ଉପରେ ହାତ ବୁଲାଇ ଆଣି କହିଲେ –'ସାବାସ ପୁଅ ! ଭଲକାମ କରିବାର ଆରମ୍ଭ ହିଁ ନିଜକୁ କରିବାକୁ ପଡିବ ।'

+ଓସ୍କାର ସିଟି, ପ୍ଲଟ ନଂ-୪୫୬,
ଲେନ୍ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ୍ ,
ବୁଦ୍ଧେଶ୍ୱରୀ ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# କଳି ନକଲେ ସୁଖ ମିଳେ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

କୁକୁରଟିଏ ଗାଁ ଦାଣ୍ଡରେ ନାଚିନାଚି ଯାଉଥିବା ବେଳେ ବିରାଡ଼ିଟିଏ ଦେଖାହେଲା । ସେ ପଚାରିଲା, "କୁକୁର ଭାଇ ଆଜି ତୁମେ ଏତେ ଖୁସି କାହିଁକି ?" କୁକୁର କହିଲା, "କହିବିନି, କହିବିନି, ତୁ ଜାଣିଲେ ସବୁ ଅସୁବିଧା ହେ-ଇ-ଯି-ବ ।" ଏଥର ବିରାଡ଼ିଟି କହିଲା, "ହଉ ନକହିଲେ ନାହିଁ । ମୁଁ ଯେଉଁ ଖବରଟା ଦେବି ବୋଲି ଆସିଥିଲି ତାହା ଆଉ କ'ଣ କହିବି ? ଏବେ ତୁମେ ତୁମ ବାଟରେ ଯାଅ ଆଉ ମୁଁ ଯାଉଛି ମୋ' ବାଟରେ ।" ବିରାଡ଼ିର କଥାତକ ଶୁଣି କୁକୁର ସଙ୍ଗେସଙ୍ଗେ ନରମି ଯାଇ କହିଲା, "ହଉଲୋ ନାନୀ । ମୁଁ ତୋତେ କେଡ଼େ ଭଲପାଏ ।" ବିରାଡ଼ି ମୁହଁ ମୋଡ଼ିଦେଇ କହିଲା, "ମୋତେ କେହି ଭଲପାଆନ୍ତିନି ତେଣୁ ତୁ କାହିଁକି ଭଲ ପାଇବୁ ? ମୋର ମାଲିକ ତ ମାଛ ଆଣିଲେ ମୋତେ ଜଗିଥାଏ, କାଳେ ମୁଁ ତା' ମାଛ ଖାଇଯିବି ।"

କୁକୁର ସାକୁଲେଇ କହିଲା, "ମୁଁ ପରା ତୋତେ ସେଇ ବିଷୟରେ ଜଣାଇବା ପାଇଁ ନାଚି ନାଚି ଆସୁଥିଲି ।" ବରାଡ଼ି ତା' ଆଡ଼କୁ ମୁହଁ ବୁଲେଇ ଚାହିଁଲା । କୁକୁର କହିଲା, "ମୁଁ ଝାଡ଼ା ବସିବାକୁ ଗାଁ ମୁଣ୍ଡ ଆଡ଼େ ଯାଇଥିଲି । ସେଠାରେ ଥିବା ପୋଖରୀରେ କି ମାଛ ! ମୁଁ ଦି'ଟା ଖାଇଲି ଆଉ ତୋତେ ଖବରଟା ଜଣାଇବା ପାଇଁ ଏମିତି ନାଚିନାଚି ଆସୁଥିଲି । ଏଣିକି ତୋତେ ଆଉ ମାଲିକର କଷଣ ସହିବାକୁ ପଡ଼ିବନି ।" ବିରାଡ଼ି ମୁହଁରେ ହସଫୁଟିଲା ।

ବିରାଡ଼ିର ହସ ଦେଖି କୁକୁର ପଚାରିଲା, "ଏବେ ତୁ କହ ମୋ ପାଇଁ କେଉଁ ଖବରଟା ରଖିଛୁ ?" ବିରାଡ଼ି କହିଲା, "କାଲି ହେଉଛି ହୋଲିଖେଳ । ଆମ ମାଲିକ କାଲି ଘରକୁ ମାଉଁସ ଆଣିବେ । ତୁ ଟିକେ ଚେଷ୍ଟାକଲେ ନିଶ୍ଚୟ ପାଇବୁ ।" କୁକୁର ଖେଁ ଖେଁ ହୋଇ ହସିଲା । ସେ କହିଲା, "ଏଇ କଥା ! ଥୁ ଥୁ ! ମୋର ମାଛ ପୋଖରୀ ଆଗରେ ତୋର ମାଉଁସ ଟିକେ କ'ଣ ସମାନ ?"

କିଛି ସମୟ ଦୁହେଁ ନିରବ ରହିଲେ । କୁକୁରର ଯାହାହେଲେ ମାଂସ ଉପରେ ନଜର । ସେ ବିଲେଇ ପାଟିରୁ ଅଧିକ କଥା ଶୁଣିବାକୁ ଚାହିଁ ରହିଲା । ବିରାଡ଼ି ବି ସେହି ଲକ୍ଷ୍ୟରେ କୁକୁରକୁ ଚାହିଁ ରହିଥାଏ । କୁକୁର କିଛି ନକହିବାରୁ ବିରାଡ଼ି ଅଳ୍ପ ସମୟ ପରେ ଘର ଭିତରକୁ ଚାଲିଗଲା । ବିରାଡ଼ି ଯିବା ପରେ କୁକୁର ବି ତା' ବାଟରେ ଚାଲିଗଲା ।



ପରଦିନ ସକାଳୁ ସକାଳୁ ବିରାଡ଼ି କୁକୁର କଥା ଅନୁସାରେ ପୋଖରୀକୁ ବାହାରିଲା । କୁକୁର ବି ବିରାଡ଼ିର କଥା ମୁତାବକ ତା' ମାଲିକର ବାରିପଟକୁ ଲୁଚିବାକୁ ଯିବାବେଳେ ଦୁହେଁ ମୁହାଁମୁହିଁ ହେଲେ । ବିରାଡ଼ି ପୋଖରୀ ପାଖକୁ ଯାଉଥିବା କଥା ରାଗରେ କୁକୁର ଭୋଭୋ ରଡ଼ି କରି ମଣିଷମାନଙ୍କୁ ଜଣାଇଦେଲା । ମଣିଷମାନେ ଏକାଠି ହୋଇ ବିରାଡ଼ିକୁ ମାଛ ପୋଖରୀ ପାଖକୁ ଛାଡ଼ିଲେ ନାହିଁ । ତା ସହିତ ମାଂସ ଆସିଲେ କାଳେ କୁକୁର ହଇରାଣ କରିବ ସେଥିପାଇଁ ତାକୁ ମଧ୍ୟ ଗାଁ ଦାଣ୍ଡରେ ରଖାଇଦେଲେ ନାହିଁ ।

ମଣିଷମାନେ ଉଭୟଙ୍କୁ ତଡ଼ିବା ପରେ ଭୟରେ ଗାଁମୁଣ୍ଡ ବରଗଛ ଛାଇରେ ବିଶ୍ରାମ ନେବାକୁ ଯିବାବେଳେ ଦୁହେଁ ଏକାଠି ହେଲେ । କିଛି ସମୟ ନିରବ ରହିବା ପରେ ବିରାଡ଼ି କୁକୁରକୁ ଦୋଷଦେଲା । କୁକୁର ବି ଛାଡ଼ିଲା ନାହିଁ । ସେ ବିରାଡ଼କୁ ଦୋଷଦେଲା । ଗଛ ଉପରେ ବସିଥିଲା ମାଙ୍କଡ଼ । ସେ ତଳକୁ ଓହ୍ଲାଇ କହିଲା, "ତୁମ ଦୁହିଁଙ୍କ କଳିରୁ ମଣିଷମାନେ ଲାଭବାନ ହେଲେ । ଏଣିକି ନିଜ ନିଜ ଭିତରେ କଳି ନକରି ସୁଖରେ ରହିବାକୁ ଚେଷ୍ଟାକର ।"

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨
ଫୋନ୍-୯୭୭୬୨୩୮୫୨୨

## କବିତା
ତୁମ ପାଇଁ



### ଆ'ରେ ବରଷା ବରଷି ଯାଆ ତୁ
**ଶରତ କୁମାର ଦାସ**

ଆ'ରେ ବରଷା ବରଷି ଯାଆ ତୁ
ହସୁ ଏଇ ମାଟି ମାଆ,
ଗୀରିଷିମ ତାତି ଦୂରେ ଚାଲିଯାଉ
ବହୁଟି ଶୀତଳ ବାଆ ।

କଳା ବାଦଲର ବୋଇତରେ ବସି
ଆ' ଏ ମରତ ଧାମେ,
ଝିପିଝିପି ତୋର କୋମଳ ପରଶେ
ଭିଜୁଥିବୁ ପରା ଆମେ
ଧୂସର ଭୂଇଁ କୁ ହାତେ ଛୁଇଁ ତୋର
ଶାଗୁଆ କରି କି ଯାଆ
ଆ'ରେ ବରଷା ବରଷି ଯାଆ ତୁ
ହସୁ ଏଇ ମାଟି ମାଆ ।

ଫୁଲର ବଗିଚା ଘାସର ଗାଲିଚା
ପଶୁପକ୍ଷୀ ତରୁଲତା
ସୂରୁଯଙ୍କ କୋପେ ଜଳି ତ ଗଲେଣି
ସଭିଙ୍କ ଘୂରୁଛି ମଥା
ଗାଆଁଠୁ ସହର ହାହାକାରେ ଭରା
ଲାଗେ ଖାଲି ଖାଁ' ଖାଁ'
ଆ'ରେ ବରଷା ବରଷି ଯାଆ ତୁ
ହସୁ ଏଇ ମାଟି ମାଆ ।

ଗୁଳୁଗୁଳି ସାଥେ ଗମଗମ ଝାଳ
ସତେ କି ଝରୁଛି ନିଆଁ,
ନୀରବରେ ଆମେ ଉପରକୁ ଚାହିଁ
ଭାବୁଛି ଏମିତି କିଆଁ
ନିଜ ଭୁଲଟିକୁ ନିଜେ ନବୁଝିଲେ
କିଏ ହେବ ଆମ ସାହା
ଆ'ରେ ବରଷା ବରଷି ଯାଆ ତୁ
ହସୁ ଏଇ ମାଟି ମାଆ ।

+ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ଯାଦୁ ସେ କିଏ କରିଛି ?
**ବିଜୟଲକ୍ଷ୍ମୀ ପାଣିଗ୍ରାହି**

ମିତୁଲୁ ଗଲା ଦୋକାନ ପାଖୁଁ
ମୁଣ୍ଡରେ ପିନ୍ଧି ଟୋପି
କଳା ଚଷମା ମୁହଁରେ ତା'ର
ବାଳ ରଖିଛି ହିପ୍ପୀ ।

ପାଦେ ଚପଲ ନାଇଲା ହଳେ
କାନ୍ଧେ ଓଦା ଗାମୁଛା
ଛତା ଫୁଟାଇ ପାଦ ମିଶାଇ
ଧରିଲା ଅଜାଙ୍କ ପିଛା ।

ଦୋକାନୀ ଦେଲା ଆଇସକ୍ରିମ
ଘରକୁ ଫେରି ଦେଖିଲା
ଆଇସକ୍ରିମଟା ହୋଇଛି ଲସି
କିଏ ସେ ଏ ଯାଦୁ କଲା ?

ଅଜା କହିଲେ ହୋଇଲୁ ବାୟା
ବୁଦ୍ଧି ହଜିଗଲା ତୋର
ଗଛ କାଟିଲେ ତାତି ବଢ଼ିଲା
ହୋଇଲା ଧରାକୁ ଜ୍ୱର ।

ହୁତୁହୁତିଆ ଖରାରେ ଏଠି
ହଂସା ଉଡିଯାଉଅଛି
ଆରେ ଭୋକୁଆ କହୁଛୁ ପୁଣି
ଯାଦୁ ସେ କିଏ କରିଛି ?

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

### ଖରା ପାଇଁ ନାନାବାୟା
**ନୀଳମଣି ଚାନ୍ଦ**

ଏ ଝିଙ୍କାରି ଗା ଗୀତ
ଲୁଚି ଝିଇଁ ଝିଇଁ
ଆସି ଝାଞ୍ଜି ବାଆଟା
ବହେ ସିଇଁ ସିଇଁ ।

ଏ ଆମ୍ବ ଡାଳେ ଝୁଲି
ବେଗି ପାଚ୍ ପାଚ୍
ଏ ଖଣ୍ଡିଆଭୂତରେ
ଘୂରି ନାଚ୍ ନାଚ୍ ।

ଏ ପାରଦ ଉର୍ଦ୍ଧ୍ୱକୁ
ଉଠ୍ ଉଠ୍ ଉଠ୍
ସଞ୍ଜ ହେଲେ ମଲ୍ଲୀରେ
ଫୁଟ୍ ଫୁଟ୍ ଫୁଟ୍ ।

ଏ ପଙ୍ଖା ଏବେରେ
ବୁଲ୍ ଘିରି ଘିରି
ତରଭୁଜ ଖାଇକି
ହସ୍ କିରି କିରି ।

ଏ ଖରା ମାର୍ ରେ
ଟାଇଁ ଟାଇଁ ଟାଇଁ
କେ ଡାକିଲେ ବୁଲିବା
କର ନାଇଁ ନାଇଁ ।

ନଈ ପାଟ ପାଣିକୁ
ନେଏ ଶୋଷି ଶୋଷି
ତାଳସଜ ନାଆଁକୁ
ଦେଏ ଘୋଷି ଘୋଷି ।

+ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭



# ବେଙ୍ଗୁଲି ନାନିର ସପନ



**ସନ୍ତୋଷ କୁମାର ଅଦାବର**



ବୈଶାଖ ମାସ । ଡହ ଡହ ଖରା ମନକୁ ଅସ୍ତବ୍ୟସ୍ତ କରି ପକାଉଥାଏ । ଗତ ରାତି ସାରା ମାଟିର ତାତିରେ ବେଙ୍ଗୁଲି ନାନିକୁ ନିଦ ନାହିଁ । ଏଇ ଭୋର ସକାଳର କଥା । ଅଳ୍ପ ଶୀତଳ ଅନୁଭୁତ ହେଉଥାଏ । ସେ ମନ ଦୁଃଖରେ ପୋଖରୀ ହୁଡ଼ାରେ ଥିବା ବରଗଛ ତଳେ ଏକ ଗାତରେ ଲୁଚି ଭାବୁଛି । ଦିନରେ ଏତେ ଖରା । କୋଉଠି ପାଣି ଟୋପାଏ ବି ନାହିଁ । ମାଟି ଫାଟି ଆଁ କଲାଣି । ଉପରୁ ଅସହ୍ୟ ତାତି । ତଳୁ ବି ଏତେ ତାତି ଯେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ । କେବେ ସେ ବର୍ଷା ଆସିବ ଯେ ? ନଈ ନାଳ ପାଣିରେ ଭରିଯିବ । କ୍ଷେତ ପଡ଼ିଆ ଶସ୍ୟ ଶ୍ୟାମଳା ହେବ । ଗଛରେ ପତ୍ର ହସିବ । ପାଣିରେ ଆମ ଭଳି ଜଳଜୀବ ପହଁରି ମଜା କରନ୍ତେ । ଏମିତି କେତେ କଥା ଭାବୁ ଭାବୁ ରାତିର ଅନିଦ୍ରା ହେତୁ ବେଙ୍ଗୁଲି ନାନିକୁ ନିଦ ମାଡ଼ି ଆସିଲା ।

ନିଦରେ ଦେଖିଲା ଗୋଟିଏ ସପନ । ସୂର୍ଯ୍ୟଙ୍କ ସହ ତା'ର ଦେଖା ହୋଇଛି । ସେ ଭୟକରି ପଳାୟନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ସୂର୍ଯ୍ୟ ତାକୁ ଅଟକାଇ କହିଲେ- ବେଙ୍ଗୁଲି, ତୁ କାହିଁକି ପଳାଉଛୁ ? ରହ,ମୁଁ ତୋର କିଛି କରିବି ନି । ବେଙ୍ଗୁଲି ନାନି କହିଲା- ନା ନା । ତୁମେ ମୋ ପାଖକୁ ଆସିଲେ ମୁଁ ଜଳିଯିବି । ସୂର୍ଯ୍ୟ କହିଲେ- ସେମିତି ହେବ ନି । ଏବେ ପରା ସକାଳ । ମୁଁ ପ୍ରଖର କିରଣ ଦେଇ ନ ଥାଏ । ମୋର ଏବେ ଶୀତଳ କିରଣ । ଏହା ଶୁଣି ବେଙ୍ଗୁଲି ନାନି ଅଳ୍ପ ଆରାମ ଅନୁଭବ କରି ଅଟକିଗଲା । ଟିକିଏ ସାହସ ଜୁଟାଇ ସେ ସୂର୍ଯ୍ୟଙ୍କୁ ପଚାରିଲା- ହେ ସୂର୍ଯ୍ୟ ଦେବ । ଆପଣ ଆମ ପୃଥିବୀ ବାସୀଙ୍କ ଉପରେ ଏତେ କ୍ରୋଧ କାହିଁକି କରିଛନ୍ତି ? ଆପଣ ଏତେ ପ୍ରଖର କିରଣ ଦେବା ଦ୍ୱାରା ପୃଥିବୀର ସବୁଆଡ଼େ ହାହାକାର ଦେଖା ଦେଲାଣି । ତାପମାତ୍ରା ଏତେ ବଢ଼ି ଯାଉଛି ଯେ ଜୀବଜଗତ କଷ୍ଟରେ କାଳାତିପାତ କରୁଛନ୍ତି । ଏହା ଶୁଣି ମୁରୁକି ହସି ସୂର୍ଯ୍ୟ କହିଲେ- ଶୁଣ ବେଙ୍ଗୁଲି । ମୁଁ ସବୁବେଳେ ମୋ ସ୍ଥାନରେ ସ୍ଥିର ରହିଥାଏ । ମୋର କିରଣ ବି ପୂର୍ବ ଭଳି ଅଛି । କିନ୍ତୁ ଗ୍ରୀଷ୍ମ ସମୟ ହେଲେ ହଠାତ ପୃଥିବୀର ବାୟୁମଣ୍ଡଳର ତାପମାତ୍ରା ବଢ଼ିଯାଏ । ଏହାର କାରଣ ହେଲା ଜଙ୍ଗଲ ନଷ୍ଟ, କଳକାରଖାନା ଏବଂ ଯାନବାହାନରୁ ନିର୍ଗତ ବିଷାକ୍ତ ବାଷ୍ପ । ଶ୍ରେଷ୍ଠ ତଥା ବୁଦ୍ଧିମାନ କୁହାଯାଉଥିବା ମନୁଷ୍ୟ ଯୋଗୁ ଏସବୁ ଘଟୁଛି । ସେ ଯଦି ଅଧିକ ଜଙ୍ଗଲ ସୃଷ୍ଟି କରନ୍ତା, କଳକାରଖାନା ତଥା ଯାନବାହାନରୁ ନିର୍ଗତ ବିଷାକ୍ତ ବାଷ୍ପ ଯେପରି ସୃଷ୍ଟି ନ ହେବ ସେ ଭଳି ବିକଳ୍ପ ବ୍ୟବସ୍ଥା କରନ୍ତା, ନିଶ୍ଚୟ ଏ ତାପମାତ୍ରା ବୃଦ୍ଧିରୁ ତ୍ରାହି ମିଳନ୍ତା । ଏସବୁ କଥା ସୂର୍ଯ୍ୟଙ୍କଠାରୁ ଶୁଣି ବେଙ୍ଗୁଲି ନାନି ଭାବିଲା- ସତରେ, ମନୁଷ୍ୟ ଏତେ ବୁଦ୍ଧିମାନ ହୋଇ ମଧ୍ୟ ନିଜ ଗୋଡ଼କୁ ତ ନିଜେ ହାଣୁଛି,ତା ସହ ଏ ଜୀବ ଜଗତର ସମସ୍ତ ଜୀବଜନ୍ତୁଙ୍କୁ ମଧ୍ୟ କଷ୍ଟ ଆଣି ଦେଉଛି । ବେଙ୍ଗୁଲି ନାନି ଏହା ଭାବୁଥିବା ଭିତରେ ସୂର୍ଯ୍ୟ ସେଠାରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ଚାରିଆଡ଼କୁ ଅନାଇ ବେଙ୍ଗୁଲି ନାନି ସୂର୍ଯ୍ୟଦେବ ସୂର୍ଯ୍ୟଦେବ ବୋଲି ଚିତ୍କାର କରୁଥିବା ବେଳେ ତା'ର ନିଦ ଭାଙ୍ଗିଗଲା । ସତରେ, ସପନ ଦେଖିସାରି ନିଦ ଭାଙ୍ଗିଗଲେ କିଛି ସମୟ ଯାଏ ସତସତିକା ପରି ଲାଗୁଥାଏ । ସେ ଦେଖିଲା ପୂର୍ବ ଆକାଶରେ ଗୋଲ ସୂର୍ଯ୍ୟ ଅଛନ୍ତି । ସେ ସୂର୍ଯ୍ୟଙ୍କ ଠାରୁ ଆହୁରି କିଛି ଶୁଣିବ ଭାବି ଡେଇଁ ଡେଇଁକି ତାଙ୍କ ପାଖକୁ ଯିବାକୁ ଚେଷ୍ଟାକରି ଶେଷରେ ଗୋଟିଏ ନର୍ଦ୍ଦମା ପାଖରେ ପହଞ୍ଚିଲା । ସୂର୍ଯ୍ୟଙ୍କ ପାଖକୁ ତ ସେ ପହଞ୍ଚି ପାରିବ ନାହିଁ ସେ ସୁନିଶ୍ଚିତ ଥିଲା । ଆଉ କାହିଁକି ବା ସେ ସେଠାକୁ ଯିବ । ସେ ତ ପୃଥିବୀର ଜୀବ । ତା'ପରେ ସେ ନର୍ଦ୍ଦମାକୁ ଡେଇଁ ପଡ଼ି କିଛି ସମୟ ରହିଛି,ସେ ଦିନର ଅପରାହ୍ନରେ ପ୍ରାୟ ଘଣ୍ଟାଏ ବର୍ଷିଦେଲା କାଳବୈଶାଖୀ ବର୍ଷା । ସେଠାରେ ସେ କିଛିଦିନ ଆରାମ କଲା । ମନେ ମନେ ଭାବିଲା- ଏ କାଳବୈଶାଖୀ ନାମଟା ସିନା ଭୟଙ୍କର, ହେଲେ ଏହାଯୋଗୁଁ ଆମ ଭଳି କିଛି ଜୀବ ତ ଆରାମ ପାଉଛନ୍ତି ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ ପାଳିତ

କୋରାପୁଟ, ୧୦/୫ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ନୋବେଲ ପୁରସ୍କାର ବିଜେତା ତଥା ସାଂସ୍କୃତିକ ଖ୍ୟାତିସମ୍ପନ୍ନ ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଟାଗୋରଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ପ୍ରଫେସର ତ୍ରିପାଠୀ ଟାଗୋରଙ୍କ ଦୂରଦୃଷ୍ଟି, ଦର୍ଶନ ଏବଂ ଦେଶର ନିରନ୍ତର ବିକାଶ ପାଇଁ ଉଦ୍ଦିଷ୍ଟ ଶିକ୍ଷାଗତ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଟାଗୋରଙ୍କ ପ୍ରସିଦ୍ଧ କୃତି ଗୀତାଞ୍ଜଳିକୁ ଉଦାହରଣ ଦେଇ ସେ କହିଥିଲେ, ଗୀତାଞ୍ଜଳିରେ ଟାଗୋରଙ୍କ ଲେଖା ଦେଖି ସମଗ୍ର ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ବିଶ୍ୱଗୁରୁ ରବୀନ୍ଦ୍ରନାଥ କବିତା ଆକାରରେ ଗୀତାଞ୍ଜଳିର ଶବ୍ଦ ମାଧ୍ୟମରେ ଆମ ସମାଜର ସାର ଏବଂ ଆମ ଦେଶର ଭାବମୂର୍ତ୍ତିକୁ ଆଲୋକିତ କରିଥିଲେ। ପ୍ରଫେସର ତ୍ରିପାଠୀ ଟାଗୋରଙ୍କ ବିଶ୍ୱଭାରତୀ, ଶାନ୍ତିନିକେତନ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ସାମାଜିକ ମୂଲ୍ୟବୋଧ ଏବଂ ଗ୍ରାମ୍ୟ ଜୀବନର ଉନ୍ନତି ଉପରେ ଆଧାରିତ ଏକ ଶାନ୍ତିପୂର୍ଣ୍ଣ ଏବଂ ବିକଶିତ ବିଶ୍ୱର ପରିକଳ୍ପନା କରିଥିଲା। ସେ ଜଣେ ଉଚ୍ଚ କୋଟିର କବି,



ଲେଖକ, ନାଟ୍ୟକାର, ସଙ୍ଗୀତକାର, ଦାର୍ଶନିକ, ସମାଜ ସଂସ୍କାରକ ଓ ଚିତ୍ରଶିଳ୍ପୀ ବୋଲି ପ୍ରଫେସର ତ୍ରିପାଠୀ କହିଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍? ପ୍ରଫେସର ଏସ୍ କେ ପାଲିତା ଭାରତ ଓ ବିଶ୍ୱ ପ୍ରତି ଟାଗୋରଙ୍କ ଗଭୀର ଅବଦାନ ବିଶେଷ କରି ଉଚ୍ଚଶିକ୍ଷାର ଏକ ପ୍ରତିଷ୍ଠିତ ଅନୁଷ୍ଠାନ ବିଶ୍ୱଭାରତୀ ପ୍ରତିଷ୍ଠା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସହ ଟାଗୋରଙ୍କ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ।ଡକ୍ଟର ଖେମୁଣ୍ଡୁ ଟାଗୋରଙ୍କ ଶିକ୍ଷା ଦର୍ଶନ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ, ଯାହା କି ୨୦୨୦ର ଜାତୀୟ ଶିକ୍ଷା ନୀତି (ଏନଇପି)ରେ ପ୍ରତିଫଳିତ ହୋଇଥିଲା । ଡ. ବାନାର୍ଜୀ ଜଣେ ବିଶିଷ୍ଟ ପରିବେଶବିତ୍ ଭାବରେ ଟାଗୋରଙ୍କ ଅବଦାନ ବିଷୟରେ କହିଥିଲେ ଏବଂ ତାଙ୍କର କିଛି ଲୋକପ୍ରିୟ ରଚନାର ପରିବେଷଣ ଦ୍ୱାରା ଦର୍ଶକଙ୍କୁ ଆକର୍ଷିତ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଡାକ୍ତର ସୌରଭ ଗୁପ୍ତା, ସଂସ୍କୃତ ବିଭାଗର ଡ. ଦେବାଶିଷ କର୍ମାକର, ଶିକ୍ଷା ବିଭାଗର ଅତିଥି ଶିକ୍ଷକ ଡ. ପାର୍ଥ ପ୍ରତିମ ଦାସ, ଓଡ଼ିଆ ବିଭାଗର ଡ. ଗଣେଶ ପ୍ରସାଦ ସାହୁ ଓ ଇଂରାଜୀ ବିଭାଗର ଡ. ପ୍ରସେନଜିତ ସିହ୍ନାଙ୍କ ସମେତ ଅଧ୍ୟାପକ ସେମାନଙ୍କ ମତ ରଖିଥିଲେ। ଆସୋସିଏଟ୍ ପ୍ରଫେସର ତଥା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆସୋସିଏଟ୍ ପ୍ରଫେସର ତଥା ହିନ୍ଦୀ ବିଭାଗମୁଖ୍ୟ ଡ. ଚକ୍ରଧର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକମାନେ ଉପସ୍ଥିତ ରହି ଟାଗୋରଙ୍କ ସ୍ଥାୟୀ ପରମ୍ପରାକୁ ସ୍ମରଣ କରିବାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଏହି କାର୍ଯ୍ୟକ୍ରମ ପାଇଁ ସମନ୍ୱୟ ଓ ସହଯୋଗ ପ୍ରଦାନ କରି ଏହାର ସଫଳ ରୂପାୟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ତଥା ମୁଖ୍ୟ ଡ. କପିଳା ଖେମୁଣ୍ଡୁ ଏବଂ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ଡ. କାକୋଳି ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଚୁଆ ପାଣିରେ ମେଣ୍ଟୁଛି ଶୋଷ



ଘୁ.ଉଦୟଗିରି, ୧୦/୫ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଆଜି ବି ବହୁ ଗାଁ ଅଛି ଯେଉଁଠି ଲୋକ ଟୋପାଏ ବିଶୁଦ୍ଧ ଜଳ ପାଇ ପାରୁନାହାନ୍ତି। ସରକାର ମାଳ ମାଳ ଯୋଜନା ପ୍ରସ୍ତୁତ କରୁଛନ୍ତି ହେଲେ ପ୍ରକୃତରେ ଯୋଜନା ଗ୍ରାମାଞ୍ଚଳରେ ପହଞ୍ଚି ପାରୁନି। ଯୋଜନା ଯୋଜନାରେ ରହିଯାଉଛି। ଦେଶ ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ମାଲାନସୁଗା ଗ୍ରାମବାସୀ ପରିତ୍ୟକ୍ତ ଚୁଆ ପାଣିରେ ଶୋଷ ମେଣ୍ଟାଉଛନ୍ତି। ୬୦ରୁ ଊର୍ଦ୍ଧ୍ୱ ପରିବାରର ୨୮୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ତଥାପି ଲୋକଙ୍କୁ ପିଇବା ପାଣି ଯୋଗାଇବାରେ ବିଫଳ ପ୍ରଶାସନ। ଗୋଟିଏ ନଳକୂପ ଉପରେ ନିର୍ଭର କରୁଥିବା ବେଳେ ଦୀର୍ଘ ମାସ ହେଲା ନଳକୂପ ଅଚଳ ହୋଇପଡ଼ିଛି। ଗ୍ରାମବାସୀ ଅଭିଯୋଗ କରି କରି ହାଲିଆ କେହି ଶୁଣୁନାହାନ୍ତି। ଗାଁରେ ଏକ ସୋଲାର ପାନୀୟ ପ୍ରକଳ୍ପ ନିର୍ମାଣ ନିମନ୍ତେ ଦାବି କରିବା ପରେ ଗତ ୫ଦିନ ତଳେ ଗାଁର ଏକ କୂଅରେ ବିଭାଗୀୟ ଅଧିକାରୀ ସୋଲାର ପ୍ରକଳ୍ପ ପ୍ରତିଷ୍ଠା କରିଛନ୍ତି। ହେଲେ ଯେଉଁ କୂଅରେ ସୋଲାର ପ୍ରକଳ ହେଲା ସେଇ କୂଅଟି ଶୁଖିଲା ପଡ଼ିଛି। କୂଅରେ ପାଣି ନାହିଁ।ସୋଲାର ପ୍ରକଳ୍ପ ପ୍ରତିଷ୍ଠା ପରେ ମଧ୍ୟ ଲୋକ ଯେଉଁ ଶୋଷିଲାକୁ ସେଇ ଶୋଷିଲା। ସେଇ ପରିତ୍ୟକ୍ତ ଚୁଆ ଉପରେ ନିର୍ଭରଶୀଳ। ଦୀର୍ଘ ବର୍ଷ ଧରି ଏହି ପରିତ୍ୟକ୍ତ ଚୁଆ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି। ହେଲେ ଯେଉଁ ଚୁଆ ଉପରେ ଗ୍ରାମବାସୀ ନିର୍ଭରଶୀଳ ସେଇ ଚୁଆକୁ ଅନ୍ତତଃ ମରାମତି କରି ଲୋକଙ୍କ ବ୍ୟବହାରଯୋଗ୍ୟ କରାଯାଇ ପାରିଥାନ୍ତା। କିନ୍ତୁ ପ୍ରଶାସନ ସେତିକି ବି କାର୍ଯ୍ୟ କରିବାରେ ଅସମର୍ଥ। ମାଲାନସୁଗା ଗ୍ରାମ ପାଇଁ ସମସ୍ୟା ହୋଇଛି ଏହି ଗାଁ ଟି ପୂର୍ବରୁ ଟିକାବାଲି ବ୍ଲକ ଅନ୍ତର୍ଗତ ପିକରଡି ପଞ୍ଚାୟତରେ ଥିଲା।ଗତ କିଛି ବର୍ଷ ପୂର୍ବରୁ ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ ରେ ମିଶ୍ରଣ ହୋଇଯାଇଛି। ଏହି ଗ୍ରାମବାସୀଙ୍କ ପାଣି ସମସ୍ୟା ଦୀର୍ଘ ବର୍ଷର। ନିର୍ବାଚନ ବେଳେ ନେତା ଆସନ୍ତି କୋମଳ ବଚନ କହି ଭୋଟ ହାତାନ୍ତି ତାପରେ ଆଉ ଦେଖା ଦେଉନଥିବା କହିଛନ୍ତି ଗ୍ରାମବାସୀ। ଟୋପାଏ ପାଣି ପାଇଁ ଗାଁ ଠାରୁ ଦୂର ବାଟରେ ଥିବା ଏକ ଚୁଆ ଉପରେ ନିର୍ଭର କରୁଛନ୍ତି ଗାଁ ଲୋକ। ବର୍ଷ ତମାମ ସମସ୍ତ କାର୍ଯ୍ୟ ଏହି ଚୁଆରେ ହୁଏ। ଗାଧୋଇବା ଲୁଗା ସଫା ବାସନ ମଜା ପ୍ରଭୃତି କାମ ସହ ରୋଷେଇ କରି ପିଇବା ପାଇଁ ଏହି ଚୁଆରୁ ଘରକୁ ଆସେ ପାଣି। ତଥାପି ନେତା ପ୍ରଶାସନ ନିଘୋଡ଼ ନିଦ୍ରାରେ। ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ ଭଳି ଆମ ନେତା ଏବଂ ପ୍ରଶାସନିକ ଅଧିକାରୀ। ଲୋକଙ୍କ ସମସ୍ୟା ବୁଝିବା ପରିବର୍ତ୍ତେ ନିଜ ସମସ୍ୟାର ସମାଧାନରେ ଅଧିକ ଆଗ୍ରହ ଦେଖାଉଥିବା ଲୋକ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଗ୍ରାମର ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଚନ୍ଦନଭାଟି ଗ୍ରାମରେ ବିଜେଡିର ବିପୁଳ ଜନ ସମାବେଶ

ବଲାଙ୍ଗୀର, ୧୦/୫ (ନି.ପ୍ର): ନିର୍ବାଚନୀ ପ୍ରଚାର ମଇଦାନରେ ବଲାଙ୍ଗୀର ବିଧାନସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଗ୍ରାମମାନଙ୍କୁ ଯାଇ ନିର୍ବାଚନ ପ୍ରଚାର୍ ଜୋର୍ ଦାର ଆରମ୍ଭ କରିଦେଲେଣି। ଏହି ପରିପ୍ରେକ୍ଷୀରେ ଗତକାଲି ସନ୍ଧ୍ୟାରେ ଚନ୍ଦନଭାଟି ଗ୍ରାମରେ ବିପୁଳ ଜନ ସମାବେଶ ରେ ଉଦବୋଧନ ଦେଇ ନିଜର ପତିଆରା ଜାହିର କରିଛନ୍ତି।ସ୍ଥାନୀୟ ବିଜେଡି ନେତା ସୁକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରାୟ ୧୦୦୦ ରୁ ଉର୍ଦ୍ଧ୍ୱ ଲୋକ ଉତ୍ସାହ ର ସହିତ ଏହି ନିର୍ବଚନୀ ସଭାରେ ଯୋଗଦାନ କରିଥିଲେ। ବିଧାନସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ବିଧାୟକ ହେଲେ ଚନ୍ଦନଭାଟି ଗ୍ରାମର ସର୍ବାଙ୍ଗୀନ ଉନ୍ନତି କରିବେ ବୋଲି ଉପସ୍ଥିତ ଜନ ସମାବେଶରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଚନ୍ଦନଭାଟି ଗ୍ରାମର ଜଳ ସମସ୍ୟା ସହ ଅନ୍ୟ ସମସ୍ୟା ମଧ୍ୟ ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଉ ମଧ୍ୟ କହିଥିଲେ ନିର୍ବାଚନ ରେ ଜିତିଲେ ତାଙ୍କର ବିଜୟ ଯାତ୍ରା ଚନ୍ଦନଭାଟି ଗ୍ରାମରୁ ଆରମ୍ଭ କରିବେ। କଳିକେଶଙ୍କ ବକ୍ତବ୍ୟରେ ଅନୁପ୍ରାଣିତ ହୋଇ ଅନେକ ଅସନ୍ତୁଷ୍ଟ ନେତା ଏହି ନିର୍ବାଚନୀ ପ୍ରଚାର୍ ମଇଦାନରେ ବିଜେଡି ସହ ମିଶି ଯାଇଥିଲେ। କୋଳାହଳ ଭିତରେ ଅଙ୍ଗାଅଙ୍ଗୀ ହୋଇ ବିଜେଡିର ସବୁଜ ରଙ୍ଗକନାରେ ନିଜକୁ ରଙ୍ଗାୟିତ କରିଥିଲେ।

## ଭାରସାମ୍ୟ ହରାଇ ବାଇକରୁ ପଡି ଜଣେ ଆହତ

ଚମ୍ପୁଆ, ୧୦/୫ (ନି.ପ୍ର): ବାଇକ ତଳକୁ କୁକୁର ପଶି ଯିବାରୁ ଭାରସାମ୍ୟ ହରାଇ ବାଇକରୁ ପଡି ଜଣେ ଆହତ ହୋଇଥିବା ଜଣା ପଡିଛି। ଖବର ଅନୁସାରେ, ଚମ୍ପୁଆ ଥାନା ରିମୁଳିସ୍ଥ ୫୨୦ ନମ୍ବର ଜାତୀୟ ରାଜପଥ ବାଇପାସ ନିକଟରେ ଆଜି ସକାଳ ପ୍ରାୟ ୧୦ ଟା ବେଳେ ବାଇକ ମଧ୍ୟକୁ ଏକ କୁକୁର ପଶି ଯିବାରୁ ବାଇକରୁ ପଡି ସାଧୁ ଚରଣ ଦାସ ନାମକ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ସାଧୁ ଚରଣଙ୍କ ଘର ଯୋଡ଼ାରେ ବୋଲି ଜଣାପଡିଛି। ସେ ରିମୁଳିରୁ କାମ ସରି ଯୋଡ଼ା ଅଭିମୁଖେ ଯାଉ ଥିବା ବେଳେ ଏହି ଦୁର୍ଘଟଣାର ଶିକାର ହୋଇଛନ୍ତି। ତେବେ ସେ ରାସ୍ତାରେ ଆହତ ଅବସ୍ଥାରେ ପଡି ଥିବାବେଳେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ କୁ ଖବର ଦେଇଥିଲେ। ଖବର ପାଇ ଆମ୍ବୁଲାନ୍ସ ମ୍ୟାନେଜର ସରୋଜ କୁମାର ପାଲଙ୍କ ନେତୃତ୍ୱରେ ସାଧୁ ଚରଣଙ୍କୁ ଚମ୍ପୁଆ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି।

# ଶୁଖିଲା ପଡ଼ିଛି କୁଶେଇ: ବଡ଼ଗଣ୍ଡ ଏବେ କାଶତଣ୍ଡୀ ବଣ

ଆନନ୍ଦପୁର, ୧୦/୫ (ନି.ପ୍ର): ଶୁଖିଲା ପଡ଼ିଛି କୁଶେଇ ନଦୀ। ଯେଉଁଠି ଦିନେ ଅକାତକାତ ପାଣି ଥିଲା ଏବେ ସେଠି ମରୁଭୂମିର ଭ୍ରମ ସୃଷ୍ଟି ହେଉଛି। ବଡ଼ଗଣ୍ଡ ପୋତି ହୋଇ କାଶତଣ୍ଡୀ ବଣରେ ପରିଣତ ହୋଇଛି। ଅନେକ ସ୍ଥାନରେ ନଦୀକୁ ଖୋଜିଲେ ବି ମିଳୁନି। କେନ୍ଦୁଝର ଜିଲ୍ଲାର ଅନ୍ୟତମ ପ୍ରମୁଖ ନଦୀ କୁଶେଇର ଏଭଳି ଅବସ୍ଥା ପରିବେଶବିତ୍‌ଙ୍କୁ ବ୍ୟଥିତ କରିଛି। ବୈତରଣୀର ଉପନଦୀ ଭାବେ ଜଣାଶୁଣା କୁଶେଇ ନଦୀ ହରିଚନ୍ଦନପୁର ବ୍ଲକ୍‌ର ମେଘନାଦ ପାହାଡ଼ରୁ ବାହାରିଛି। ଏହି ନଦୀ ସହ ଜିଲ୍ଲାର ପ୍ରାଚୀନ ସଂସ୍କୃତି ଯୋଡ଼ି ହୋଇଥିବା ବେଳେ ପଞ୍ଚନଦୀ ସଭ୍ୟତା ସହିତ ନିବିଡ଼ ସଂପର୍କ ରହିଛି। କୁଶେଇ ନଦୀ କୂଳ ଦେଓଗାଁଠାରେ ଅଛି ପ୍ରସିଦ୍ଧ ଶୈବପୀଠ କୁଶଳେଶ୍ୱରଙ୍କ ମନ୍ଦିର। ଏଠାରେ ଓଡ଼ିଶାର ଦ୍ୱିତୀୟ ପଥରବନ୍ଧ ମଧ୍ୟ ରହିଛି। କୁଶେଇ ହରିଚନ୍ଦନପୁର ବ୍ଲକ୍‌ର ରେବଣାପଳାଶପାଳ, ବାରିଗାଁ, ଘସିପୁରା ବ୍ଲକ୍‌ର କରଞ୍ଜିଆପାଳ, ଜଳସୁଆଁ, ଦରଡ଼ିପାଳ, ଦେଓଗାଁ, ହାତୀଶିଳା, ସରେଇଁ, ବେଲବାହାଲି, ଟୋଲଙ୍କପଡ଼ା, ନୟାଗଡ଼ ଅତିକ୍ରମ କରି ବାଟୋ ଦୋମୁହାଣି ନିକଟରେ ବୈତରଣୀ ନଦୀରେ ମିଶିଛି। ଏହାର ସଙ୍ଗମ ସ୍ଥଳକୁ ନେଇ ଅନେକ ପୌରାଣିକ କିଂବଦନ୍ତି ରହିଥିବା ସାହିତ୍ୟିକ ହଳଧର ପଣ୍ଡା କହିଛନ୍ତି। ସେହିପରି ଯାଜପୁର ଜିଲ୍ଲାର ବାଙ୍ଗରକୋଟା (ତେଲିବେଡ଼ା) ନିକଟରେ କୁଶେଇ ନଦୀରେ ଷେଣ୍ଟେଇ ଓ ରେମାଳ ନଦୀ ମିଶିଛି।

ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତ କାନପୁର ଗ୍ରାମର ବାସିନ୍ଦା ଗୋଲକ ଜେନା (୬୨) କହିଛନ୍ତି, ସେ କୁଶଳେଶ୍ୱର ହାଇସ୍କୁଲରେ ପଢୁଥିବା ସମୟରେ ହାତୀଶିଳା ନିକଟରେ କୁଶେଇ ନଦୀ ପାର ହୋଇ ସ୍କୁଲକୁ ଯାଉଥିଲେ। ହାତୀଶିଳା ବାଙ୍କ ଓ ଯାଜପୁର ଜିଲ୍ଲା କରଡ଼ାପାଳ ବାଙ୍କରେ ଦୁଇଟି ବିରାଟ ଗଣ୍ଡ ଥିଲା। ଗ୍ରୀଷ୍ମଋତୁରେ ଆଖପାଖ ଗ୍ରାମର ଲୋକେ ଏହି ଗଣ୍ଡରେ ସ୍ନାନ କରୁଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀମାନେ ଏଠାରୁ ମାଛ ଧରୁଥିଲେ। ଏବେ ଏହି ସ୍ଥାନରେ ନଦୀକୁ ଖୋଜିଲେ ବି ପାଇବା କଷ୍ଟକର। ଚାରିଆଡ଼େ କାଶତଣ୍ଡୀ ବଣ ଭର୍ତ୍ତି ହୋଇଛି। ୨୦ ନମ୍ବର ଜାତୀୟ ରାଜପଥର ବେଲବାହାଲି ପୋଲ ଉପରୁ ଦେଖିଲେ ନଦୀର କୌଣସି ଚିହ୍ନବର୍ଣ୍ଣ ନଥିବା ଭଳି ମନେହେଉଛି।

କୁଶେଇ ନଦୀ ଉପରେ ବିଭିନ୍ନ ସ୍ଥାନରେ ୧୦ରୁ ଅଧିକ ପୋଲ ନିର୍ମାଣ କରାଯାଇଛି। ତେବେ ଜଳସେଚନ ପାଇଁ ନଦୀବନ୍ଧ ନିର୍ମାଣ କରାଯାଇ ନାହିଁ। କେବଳ ହରିଚନ୍ଦନପୁର ବ୍ଲକ୍‌ର ବୁଢ଼ୀପଦାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଜଙ୍ଗଲ ଓ ଜନବସତି ମଧ୍ୟ ଦେଇ ୮୩ କିମି ଅତିକ୍ରମ କରିଥିଲେ ମଧ୍ୟ ନଦୀ ଜଳ ବିନିଯୋଗ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଘସିପୁରା, ଆନନ୍ଦପୁର ବ୍ଲକ୍ ମୁଖ୍ୟତଃ କୃଷିବହୁଳ ଅଞ୍ଚଳ ହୋଇଥିବା ବେଳେ ବର୍ଷା।ଜଳ ଉପରେ ଚାଷୀମାନେ ନିର୍ଭର କରିଥା'ନ୍ତି। ବର୍ଷା ନହେଲେ ଚାଷୀ ମରୁଡ଼ିର ସମ୍ମୁଖୀନ ହୋଇଥା'ନ୍ତି। ନଦୀର ବିଭିନ୍ନ ସ୍ଥାନରେ ରାଜସ୍ୱ ବିଭାଗ ପକ୍ଷରୁ ବାଲିଘାଟ ଲିଜ୍ ଦିଆଯାଇ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଉଛି। ଏହା ସହ ବାଲି ମାଫିଆ କୁଶେଇରୁ ଅହରହ ବାଲି ଲୁଟ୍ କରୁଛନ୍ତି। ଏହି କାରଣରୁ କୁଶେଇ ମରିମରି ଯାଉଛି ବୋଲି ଅଭିଯୋଗ ହେଉଛି।

# ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷଙ୍କ ବୈଠକ: ରଥଯାତ୍ରା ବେଳେ ରତ୍ନଭଣ୍ଡାର ଅଳଙ୍କାର ଗଣତି



ପୁରୀ, ୧୦/୫ (ନି.ପ୍ର): ରଥଯାତ୍ରା ବେଳେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି ଓ ମଣତି ହେବ। ଏହା ପୂର୍ବରୁ କିଭଳି ଓ କେଉଁ ଉପାୟ ଅବଲମ୍ବନ କରି ଅଳଙ୍କାର ଗଣତି ଓ ମଣତି ହେବ, ସେ ଉପରେ ରତ୍ନଭଣ୍ଡାର ତଦାରଖ କମିଟି, ଶ୍ରୀମନ୍ଦିର ପରିଚାଳନା କମିଟି, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି ବୋଲି କହିଛନ୍ତି ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ। ଆଜି ପୂର୍ବାହ୍ଣରେ ଜଷ୍ଟିସ୍ ପଶାୟତ ପୁରୀରେ ପହଞ୍ଚି ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ଅପରାହ୍ଣରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ଉପରେ ଆଲୋଚନା ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ଜଷ୍ଟିସ ପଶାୟତ କହିଛନ୍ତି, ଆଜିର ବୈଠକର ପ୍ରମୁଖ ଲକ୍ଷ୍ୟ ଥିଲା, ରତ୍ନଭଣ୍ଡାର ଅଳଙ୍କାର ତାଲିକା ପ୍ରସ୍ତୁତି। କେଉଁ ହିସାବରେ କଲେ, ସୁବିଧାରେ କାମ ହୋଇଯିବ, ସେ ଉପରେ ଆଲୋଚନା କରାଯାଇଥିଲା। ଜଷ୍ଟିସ ପଶାୟତ କହିଛନ୍ତି, ୧୯୭୮ ମସିହା ପରେ ଏଭଳି ଏକ ବଡ଼ଧରଣର କାମ କରାଯାଉଛି। ଏଣୁ ଯେଉଁ ସମସ୍ୟା ସବୁ ରହିଛି, ତାହା କିପରି ସମାଧାନ ହୋଇପାରିବ, ସେ ବିଷୟରେ ଆଲୋଚନା ହୋଇଛି। ଏଣ୍ଡୋସ୍କୋପି ଜରିଆରେ ବି ଗଣତି କରିବା ନେଇ ଆଲୋଚନା ହୋଇଥିଲା ଓ ସେ ବିଷୟରେ ବିଚାରବିମର୍ଶ ଚାଲିଛି। ୧୯୭୮ ମସିହାରେ ଯେଉଁ ଜ୍ଞାନକୌଶଳ ଥିଲା, ଆଜି ତାହାଠାରୁ ବହୁ ଅତ୍ୟାଧୁନିକ ଜ୍ଞାନକୌଶଳ ରହିଛି। ବଡ଼କଥା ହେଉଛି, ଯେଉଁ ସମୟରେ ମନ୍ଦିରରେ ଦର୍ଶନାର୍ଥୀ ନ ଥିବେ, ସେହି ସମୟ ହିଁ ରତ୍ନଭଣ୍ଡାର ଅଳଙ୍କାର ଗଣତି ପାଇଁ ପ୍ରକୃଷ୍ଟ ସମୟ। ଏଣୁ ରଥଯାତ୍ରା ହିଁ ସବୁଠ ପ୍ରକୃଷ୍ଟ ସମୟ। ପ୍ରଥମେ ୧୯୨୬ ମସିହାରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ଓ ମଣତି କରାଯାଇଥିଲା। ପରେ ୧୯୭୮ ମସିହାରେ ହୋଇଥିଲା। ୨୦୨୪ ମସିହାରେ ପୁଣିଥରେ ତାଲିକା ପ୍ରସ୍ତୁତ କରାଯିବ। ୧୯୭୮ ମସିହାର ରତ୍ନଭଣ୍ଡାର ଅଳଙ୍କାର ତାଲିକା ବି ଆମ ପାଖରେ ରହିଛି। ଏହାକୁ ମେଳକ କରି ଆମେ ଅଳଙ୍କାର ଦେଖିବୁ ବୋଲି ଜଷ୍ଟିସ ପଶାୟତ କହିଛନ୍ତି।

## ପର୍ଯ୍ୟବେକ୍ଷକ ମାନଙ୍କର ବିବିଧ କାର୍ଯ୍ୟର ସମୀକ୍ଷା

ପୁରୀ , ୧୦/୫ (ନି.ପ୍ର): ପୁରୀ ଜିଲ୍ଲାରେ ନିର୍ବାଚନ କୁ ଶାନ୍ତି ଶୃଙ୍ଖଳା, ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା ପାଇଁ ବ୍ୟବସ୍ଥା କରାଯାଇଛି ।ଭାରତର ନିର୍ବାଚନ କମିଶନ ଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ କାର୍ଯ୍ୟକ୍ରମ ର ଅନୁଧ୍ୟାନ ପାଇଁ ଜିଲ୍ଲା କୁ ଆସିଥିବା ପର୍ଯ୍ୟବେକ୍ଷକ ମାନେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରୁଛନ୍ତି ।ଆଜି ସାଧାରଣ ପର୍ଯ୍ୟବେକ୍ଷକ ଡା କୁନାଲ ପ୍ରକାଶ କେନ୍ଦ୍ରୀୟ ବିଦ୍ୟାଳୟ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟ ରେ ହୋଇ ଥିବା ଇଭିଏମ ଷ୍ଟ୍ରଙ୍ଗ ରୁମ କୁ ଅନୁଧ୍ୟାନ କରିଥିଲେ ।ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ମଦନପାଲ ସିଂ ପିପିଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉତ୍ତରା ଚେକପୋଷ୍ଟ ରେ ପହଂଚି ଦାୟିତ୍ୱ ରେ ଥିବା କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ ।ପରେ ପିପିଲି ଥାନା ଓ ପିପିଲି ବ୍ଲକ ପରିଦର୍ଶନ କରିଥିଲେ ।ବ୍ଲକ ରେ ବିଡିଓ, ତହସିଲଦାର, ଏନ ଏ ସି ନିର୍ବାହୀ ଅଧିକାରୀ,ଥାନା ଅଧିକାରୀ ଓ ନିର୍ବାଚନ ଧରପଗଡ଼ ରେ ସାମିଲ ଥିବା ବିବିଧ ଟିମ ମାନଙ୍କ ସହ ଆଲୋଚନା କରିଥିଲେ।

# ଦାଦନଙ୍କ ଦୁଃଖ ଶୁଣିବ କିଏ ?: ଗାଁ ପୁରୁଷଶୂନ୍ୟ, ମହିଳାଙ୍କ କୋଳରେ ଛୁଆ

ତେନ୍ତୁଳିଖୁଣ୍ଟି , ୧୦/୫ (ନି.ପ୍ର): ବାବୁ, ଏଠି ତ କାମ ଧନ୍ଦା ନାହିଁ। ବର୍ଷକୁ ଯେତେ ଚାଷ କରୁଛୁ ସେଥିରେ ଚାରିପ୍ରାଣୀ କୁଟୁମ୍ବ ଚଳିବା ସମ୍ଭବ ନୁହେଁ। ଧାନ ଚାଷରେ ଯେତିକି ଖର୍ଚ୍ଚ କରୁଛୁ ତାହାର ବଜାର ମୂଲ୍ୟ ମିଳୁ ନାହିଁ। ମକା କଥା ନ କହିବା ଭଲ। କେତେବେଳେ ଭଲ ହେଉଛି ତ ଆଉ କେତେବେଳେ ମୂଳ ଧନ ବି ଉଠୁନି। ଗାଁ ପାଖରେ କିଛି କାମଧନ୍ଦା ମିଳୁନି। ତେଣୁ ବାଧ ହୋଇ ବାହାର ରାଜ୍ୟକୁ କାମ କରିବାକୁ ଯାଉଛୁ। ସେଠାରେ ୮ ମାସ ଯାହା ବି କିଛି ରୋଜଗାର କରୁଛୁ ସେଥିରେ ବର୍ଷକ ଯାକ ପରିବାର ପେଟ ପୁରୁଛି। ନହେଲେ ଚଳିବା କଷ୍ଟକର ହୋଇପଡନ୍ତା। ଏବେ ନିର୍ବାଚନ ଚାଲିଛି ତ। ତେଣୁ ଗାଁକୁ ପଳାଇ ଆସିଛୁ। ଭୋଟ ନେବାକୁ ବଡ଼ ବଡ଼ ନେତା ଆସିବେ। ପଇସା ଦେବେ। କିଏ ଜଣଙ୍କ ପିଛା ଦୁଇ ଚାରି ଶହ ତ ଆଉ କେତେବେଳେ ପରିବାରକୁ ଦୁଇ ହଜାର ଟଙ୍କା ଧରାଇଦେବେ। ଏମିତି କିଛି ପଇସା ତ ମିଳିଯିବ। ଭୋଟ ସରିଗଲେ ପୁଣି ଦାଦନ ଖଟିବାକୁ ପଳେଇବୁ। ତେନ୍ତୁଳିଖୁଣ୍ଟି ବ୍ଲକର ଉଦୟପୁର ଗାଁର ପାର୍ବତୀ ମାଝୀଙ୍କ ଏଭଳି କଥା ଓଡ଼ିଶାର ଦାଦନ ସ୍ଥିତିକୁ ପଦାରେ ପକାଇଛି। କେବଳ ପାର୍ବତୀ କାହିଁକି, ରୁକ୍ମଣୀ ମାଝୀଙ୍କ ଅବସ୍ଥା ମଧ୍ୟ ସମାନ। ବାପା, ମା', ପିଲା ଛୁଆଙ୍କୁ ଗାଁରେ ଛାଡ଼ି ସ୍ୱାମୀ ସ୍ତ୍ରୀ ଦୁହେଁ ଇଟା ଭାଟିରେ କାମ କରିବାକୁ ଚାଲିଯାଉଛନ୍ତି। କାମ ମିଳିଲେ ଘରଠାରୁ ୧୨୦ କିମି ଦୂର କୋରାପୁଟ ଜିଲ୍ଲାର ସୁନାବେଡ଼ା ନ ହେଲେ ସେମିଳିଗୁଡ଼ା ଯାଉଛନ୍ତି। ଯଦି ସେମିତି କିଛି କାମ ନ ମିଳୁଛି ତାହା ହେଲେ ଆନ୍ଧ୍ର ମୁହାଁ ହେଉଛନ୍ତି। କାମ ମିଳିଥିବାରୁ ରୁକ୍ମଣୀ ଓ ତାଙ୍କ ସ୍ୱାମୀ ଏବେ ସୁନାବେଡ଼ାରେ ୬ ମାସ ହେଲା କାମ କରୁଥିଲେ। ଏବେ ଭୋଟ ଦେବାକୁ ଗାଁକୁ ଆସିଛନ୍ତି। ଜୁନ୍ ମାସରେ ବର୍ଷା ହେଲେ ଚାଷ ବାସ କାମ ହେବ। ତେଣୁ ଘରକୁ ଆସିଥିବା ରୁକ୍ମଣୀ କହିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ବର୍ଷର ୮ ମାସ ଏହି ଗାଁ ପୁରୁଷ ଶୂନ୍ୟ ହୋଇ ଯାଉଛି। କାଁ ଭାଁ ଲୋକଙ୍କୁ ଦେଖିବାକୁ ମିଳୁଛି। ଆଜି ସ୍ଥିତିରେ ବି ଅଧା ପରିବାରରେ କେବଳ ମହିଳା ହିଁ ଥିଲେ। ଗାଁ ଆଖପାଖରେ କାମଧନ୍ଦା ମିଳୁ ନ ଥିବାରୁ ପୁରୁଷମାନେ ଦାଦନ ଖଟିବାକୁ ରାଜ୍ୟ ନ ହେଲେ ଜିଲ୍ଲା ବାହାରକୁ ଯାଉଛନ୍ତି। ଆନ୍ଧ୍ର ପ୍ରଦେଶରେ ଭଲ ମଜୁରି ମିଳୁଛି। ଦିନକୁ ୪୦୦ରୁ ୫୦୦ ଟଙ୍କା ରୋଜଗାର ହେଉଛି। ଯେତେବେଳେ କି ଓଡ଼ିଶା ଭିତରେ ସେମାନଙ୍କୁ ୨୦୦ରୁ ୩୦୦ ଟଙ୍କା ଦୈନିକ ମଜୁରି ମିଳୁଛି। ଏତେ କମ୍ ଟଙ୍କାରେ କାମ କରିବା ଅପେକ୍ଷା ଆନ୍ଧ୍ର ଯିବାକୁ ଗାଁ ଲୋକେ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ବର୍ଷା ୪ ମାସ ସେମାନେ ଗାଁକୁ ଫେରିଥାନ୍ତି। ଧାନ ଅମଳ ସରିବା କ୍ଷଣି ପୁଣିଥରେ ବାହାକୁ ଯାଆନ୍ତି ବୋଲି ଗ୍ରାମର ମହିଳାମାନେ କହିଛନ୍ତି। ଗଣତନ୍ତ୍ରର ମହାପର୍ବ ଚାଲିଥିଲେ ମଧ୍ୟ ଏମାନଙ୍କ ପାଇଁ ସେମିତି କିଛି ଆଶ୍ଚର୍ଯ୍ୟ ହେବାରେ ଲାଗିଛି। କିଏ ଛିଡ଼ା ହୋଇଛି, କାହାକୁ ଭୋଟ ଦେବେ ସେମାନଙ୍କୁ ଜଣା ନାହିଁ। ଟଙ୍କିକିଆ ଚାଉଳ କିଏ ଦେଉଛି ବୋଲି ପଚାରିଲେ ଆମେ ଜାଣିନୁ ବୋଲି ଉତ୍ତର ଦେଉଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ସରକାରଙ୍କ ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି। ତା'ପରେ ବି ବିକାଶର 'ବ' ଅକ୍ଷର ଏମାନଙ୍କୁ ଅଗୋଚର। ଦାଦନ ଖଟିବେ ଏବଂ ସେଥିରୁ ଯାହା କିଛି ରୋଜଗାର କରିବେ ସେଥିରେ ଚଳିବାକୁ ଏମାନେ ଧର୍ମ ଭାବେ ଗ୍ରହଣ କରି ନେଇଛନ୍ତି। ଭୋଟ କଥା ପଚାରିଲେ ଗୋଟିଏ ଉତ୍ତର ଯିଏ ପଇସା ଦେବ ଆମେ ତାକୁ ଭୋଟ ଦେବୁ। କେବଳ ଏହି ଗୋଟିଏ ଗାଁ ନୁହେଁ। ନବରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନନ୍ଦାହାଣ୍ଡି ବ୍ଲକର ସାନଡାଇଭଙ୍ଗା ଗାଁରେ ମଧ୍ୟ ସମାନ ଅବସ୍ଥା। କେବଳ ଏତିକି ତଫାତ୍ ହେଉଛି ଯେ ଗାଁର ବହୁତ କମ୍ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ନ ହେଲେ ଚାଷବାସ କରି ପରିବାର ପୋଷୁଛନ୍ତି। ଗାଁର ବଳି ମାଝି, ଓରିଚନ୍ଦ୍ର ଭତ୍ରା, ପର୍ଶୁରାମ ଭତ୍ରା ସରପଞ୍ଚ ଭୋଟ ବେଳେ ୧୦୦ ନ ହେଲେ ୨୦୦ ଟଙ୍କା ମିଳୁଥିଲା। ଏଥର ସେମିତି କିଛି ମିଳି ନାହିଁ। ଭୋଟକୁ ଆଉ ତିନି ଦିନ ଅଛି। ତେଣୁ ଦେବେ। ଯିଏ ପଇସା ଦେବା କଥା ସିଏ ଆଣି ଗାଁ ମୁଣ୍ଡରେ ଧରାଇ ଦେଇ ଯିବ। ଗାଁ ପିଛା ୨୦ହଜାରରୁ ୩୦ ହଜାର ଟଙ୍କା ଦିଅନ୍ତି। ତାହାକୁ ଆମେ ବାଣ୍ଟି ନେଇଥାଉ। ଏଥର କେତେ ମିଳିବ ଆମେ ଜାଣିନୁ। ଟଙ୍କା ନ ମିଳିଲେ ଭୋଟ ଦେବାକୁ ଯିବୁନୁ ବୋଲି ସେମାନେ କହିଛନ୍ତି।

# ଟିକାବାଲି କଲେଜ ପାଇଁ ସଫଳତା ଆଣିଲେ ସ୍ନାତକ ଉଦ୍ଭିଦ ବିଜ୍ଞାନ ଛାତ୍ରୀ ଆଦ୍ୟାଶା

କନ୍ଧମାଳ, ୧୦/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ଏ. ଏମ. ସି. ଏସ ମହାବିଦ୍ୟାଳୟ ରେ ଶେଷ ବର୍ଷ ସ୍ନାତକ ଉଦ୍ଭିଦ ବିଜ୍ଞାନ ଛାତ୍ରୀ ଆଦ୍ୟାଶା ପଟ୍ଟନାୟକ ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି ଏଥିରେ ଆଦ୍ୟାଶା ଦଶ ଜଣ ଙ୍କ ମଧ୍ୟରେ ଅଷ୍ଟମ ସ୍ଥାନ ଅଧିକାର କରି କନ୍ଧମାଳ ଜିଲ୍ଲା ଏବଂ କଲେଜ ପାଇଁ ଗୌରବ ଆଣିଛନ୍ତି, ଏ ସଫଳତା ପାଇଁ ସେ ତାଙ୍କ ପିତା ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ପଟ୍ଟନାୟକ, ମାତା ସଂଗୀତା ପଟ୍ଟନାୟକ , ଦାଦା ଖୁକେନ, ଖୁଡ଼ି ନିବେଦିତା,ପିଉସୀ ଶିକ୍ଷୟିତ୍ରୀ କୁସୁମ , ରାଜଲକ୍ଷ୍ମୀ ଓ ଇତିଶ୍ରୀ ଙ୍କୁ ଶ୍ରେୟ ଦେବା ସଙ୍ଗେ ସଙ୍ଗେ ପୂର୍ବତନ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି, ବିଭାଗୀୟ ମୁଖ୍ୟ ସନ୍ତୋଷ କୁମାର ରଥ, ଡେମୋନଷ୍ଟ୍ରେଟର ରବିନାରାୟଣ ପାଣିଗ୍ରାହୀ, ଅଧ୍ୟାପିକା ଲିପିକା ମହାନ୍ତି ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଟିକାବାଲି କଲେଜର ଶିକ୍ଷାଦାନ ଓ ବିଭାଗୀୟ ମୁଖ୍ୟ ଙ୍କ ଶିକ୍ଷାଦାନ ଶୈଳୀଙ୍କୁ ପ୍ରଶଂସା କରିଥିଲେ, କଲେଜ ପାଇଁ ସଫଳତା ଆଣିଥିବାରୁ ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ସମସ୍ତ କର୍ମଚାରୀ ଓ ଅଂଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି ।ପିଲାବେଳୁ ସେ ବିଜ୍ଞାନ ମେଳା, ବିଜ୍ଞାନ ସେମିନାର, ବକ୍ତୃତା ତଥା ବିଭିନ୍ନ ପ୍ରତିଯୋଗିତାରେ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ବେଶ୍ ସୁନାମ ଅର୍ଜନ କରିପାରିଛି ।ସେ ଜଣେ ଭଲ ନୃତ୍ୟଶିଳ୍ପୀ ମଧ୍ୟ ।ତାର ଏହି ସଫଳତାରେ ତା ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ନାମାଙ୍କନ ପୂର୍ବରୁ ସୋର-କୁପାରୀ ରାସ୍ତାରେ ହିମାଂଶୁଙ୍କ ଶକ୍ତି ପ୍ରଦର୍ଶନ



ଖଇରା, ୧୦/୫ (ନି.ପ୍ର): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ନିଜର ନାମାଙ୍କନ ଦାଖଲ ପୁର୍ବରୁ ସୋର-କୁପାରୀ ରାସ୍ତାରେ ବିଶାଳ ରୋଡ ଶୋ ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ଖଇରା ସିମୁଳିଆ ୨ବ୍ଲକରୁ ହଜାର ହଜାର ସମର୍ଥକ ତାଙ୍କର ଏହି ରୋଡଶୋରେ ସାମିଲ ହେବା ସହ ଜିନ୍ଦାବାଦ ଧ୍ୱନୀରେ ପୁରପଲ୍ଲୀ ପ୍ରକମ୍ପିତ ହୋଇଥିଲା । ଏଭଳି ରୋଡ ଶୋ ଅନ୍ୟ ପ୍ରାର୍ଥୀଙ୍କୁ ଚିନ୍ତାରେ ପକାଇଛି । ଏହି ରୋଡ ଶୋରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସମର୍ଥକ ସାମିଲ ଥିବାରୁ ଏବେ ସିମୁଳିଆ ରାଜନିତୀକୁ ଗୋଳମାଳିଆ କରିଛି । ପ୍ରଥମେ ହିମାଂଶୁ ନିଜ ପତ୍ନୀ ପ୍ରଜ୍ଞାପାରମିତାଙ୍କ ସହ ଜନ୍ମିତ ଗ୍ରାମ କାକୁଡିଆର ଆରାଧ୍ୟା ଦେବୀ ବାମକାଳୀଙ୍କ ପୀଠରେ ପୁଜାର୍ଚ୍ଚନା ପରେ ବଣପାରିଆସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରୁ ଖୋଲା ଜିପରେ ରୋଡ ଶୋରେ ଗଣ୍ଡିବେଡ,ତୁଡିଗଡିଆ ବଜାର ଅତିକ୍ରମ କରି ସୋରରେ ପହଞ୍ଚିବା ପରେ ସିମୁଳିଆ ରୁ ଅଅସିଥିବା କଂଗ୍ରେସ କର୍ମୀ ତାଙ୍କ ସହ ସାମିଲ ହୋଇଥିଲେ । ଭଦ୍ରକ ଏମପି ପ୍ରାର୍ଥୀ ଅନନ୍ତ କୁମାର ସେଠୀ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଖଇରା ବ୍ଲକର କଂଗ୍ରେସ ନେତା ରାମଚନ୍ଦ୍ର ଶତପଥି,ବସନ୍ତ କୁମାର ପାତ୍ର,ବେଣୁଧର ରାଉତ,ଗଜେନ୍ଦ୍ର ସେଠୀ,ଶୁନ୍ୟବାସୀ ଜେନା,ପରେଶ ସାମଲ,ସିଟୁ ପଟ୍ଟନାୟକ,ମହେନ୍ଦ୍ର ବେହେରା ଏବଂ ସିମୁଳିଆ ବ୍ଲକ କଂଗ୍ରେସ ନେତା ରମେଶ ଦାସ,ଅନିରୁଦ୍ଧ ବେହେରା,କାହ୍ନୁ ମହାନ୍ତି,ଅରୁଣ ସାହୁ,ଗଗନ ନାୟକ ପ୍ରମୁଖ ସାମିଲଥିଲେ । ଘୋଡାନାଚ ସାଙ୍ଗକୁ ମାଦଳବାଜା ରୋଡଶୋକୁ ଅଧୀକ ଆକର୍ଷଣୀୟ କରିଥିଲା ।

# ବଲାଙ୍ଗୀର ରାମଲୀଳା ଉଦ୍‌ଯାପିତ: ରାଜ୍ୟ ଅଭିଷେକ ସରି ସାଂସ୍କୃତିକ କାର୍ଯ୍ୟକ୍ରମରେ ବେଶ ଝଲସିଲେ ଦର୍ଶକ

ବଲାଙ୍ଗୀର, ୧୦/୫ (ନି.ପ୍ର): ରାମଜୀ ନାଟ୍ୟ ସଂସଦର ରାମଲୀଳା ନାଟକ ଏପ୍ରିଲ ୧୭ରୁ ମେଇ ୮ ତାରିଖ ପର୍ଯ୍ୟନ୍ତ ବଲାଙ୍ଗିର ରାମଲୀଳା ଅନୁଷ୍ଠିତ ହୋଇଯାଇଥିଲା । ଶେଷ ରାଜନୀ ଥିଲା ଏଥିରେ ପ୍ରଭୁ ଶ୍ରୀରାମ, ସୀତା ଓ ଲକ୍ଷ୍ମଣ ନିଜ ରାଜ୍ୟ ଅଯୋଧ୍ୟା କୁ ଫେରି ପ୍ରଭୁ ରାଜା ପଦରେ ଅଭିଷିକ୍ତ ହୋଇଥିବାର ଦୃଶ୍ୟ ମଂଚସ୍ଥ ହୋଇଥିଲା । ଏହି ଅବସରରେ ଅନେକ ଦର୍ଶକ ଏହି ନାଟକଟିକୁ ଉପଭୋଗ କରିଥିଲେ । ଏହି ସମୟରେ ଅନେକ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତତ୍‌ସହିତ ପୁରୁଖା ବାଦ୍ୟ ବାଦକ ସୁଦର୍ଶନ ପଟେଲ ସମ୍ମାନ ସଦୃଶ ଫଳକ ଗୁରୁ ବାଳମୁକୁନ୍ଦ ବେହେରା ଦେଇଥିଲେ ଏବଂ ଇଣ୍ଡିଏନ୍ ଆଇଡଲ ରେ ଯାଇ ବଲାଙ୍ଗିର ତଥା ଓଡିଶା କୁ ସମ୍ମାନ ଆଣିଥିବା ଅଜୟ ଅମର ସିଂଦେଓ ଏବଂ କଣ୍ଠଶିଳ୍ପୀ ଶ୍ରୀୟା ପଟେଲ, ବାଦ୍ୟକାର ଆୟୁଷ୍ମାନ ତ୍ରିପାଠି, ବାସୁଦେବ ବେହେରା, ଶୁଶାନ୍ତ ଚେପଦାର, ରାମ ନାଏକ, ଶିଶୁ କଳାକାର ରୁଷି ନାଏକ, ପୁରୁଣା କଳାକର ସୁବାଷ ସାଏ, ସାରଥି ରଥ, ପ୍ରଚାର ପ୍ରସାର ଓ ସୋସିଏଲ ମିଡିଆ କୁଞ୍ଜନ ସାଏ, ହିମାଂଶୁ ପାଇକରାଏ ଓ ପ୍ରଶାନ୍ତ ମହାକୁରକୁ ମଧ ସମ୍ମାନ ସଂସଦ ତରଫରୁ କରାଯାଇଥିଲା । ପରିଚାଳନା କରିଥିଲେ ଚିଦାନନ୍ଦ ବେହେରା, ମାନପତ୍ର ପଠନ କରିଥିଲେ କୁମୁଦ ରଂଜନ ନାଏକ, ଅରୁଣ ରାଉତ । ସହଯୋଗ କରିଥିଲେ ରବି ନାଏକ । ଦର୍ଶକମାନେ ଭାବବିହ୍ୱଳ ହୋଇ ନାଟକ କୁ ଉପଭୋଗ କରିଥିବାର ଦୃଶ୍ୟ ଦେଖାଯାଉଥିଲା । ଶ୍ରୀରାମ ଙ୍କ ଜୟ ଶ୍ରୀରାମ ନାମରେ ସାରା ବଲାଙ୍ଗିର ବାସିନ୍ଦା ଗାନ କରି ପୁଣି ଆର ବର୍ଷକୁ ଅପେକ୍ଷା କରୁଛୁ ବୋଲି ଦର୍ଶକମାନେ କହୁଥିବାର ଦୃଶ୍ୟ ତଥା ସାଂସ ତରଫରୁ ଡା. ରୁଦ୍ରନାରାୟଣ ପଟେଲ ସମସ୍ତଙ୍କୁ ସମ୍ବୋଧନ ଦେଇ ଧନ୍ୟବାଦ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ....

ପରିବେଷଣର କାର୍ଯ୍ୟକ୍ରମ ରହିଛି । ଏହାବ୍ୟତୀତ ସମବାୟ ଭବନ ପାଖରେ ଅନ୍ତର୍ଜାତୀୟ ଯୋଗ ଦିବସ, ଇଡ୍‌କୋ ଟାୱାର ପାଖରେ ବନ୍ଦେ ଭାରତ ଏକ୍ସପ୍ରେସ ଫ୍ଲେକ୍ସ, ହର୍ ଘର୍ ଜଲ୍ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଏବଂ ଜନଧନ ଯୋଜନାର କଟଆଉଟ୍, ରମାଦେବୀ ବିଶ୍ୱବିଦ୍ୟାଳୟ ପାଖରେ ଆଦିବାସୀ ମହିଳାଙ୍କ ଦ୍ୱାରା ପାରମ୍ପାରିକ ଗୀତସଂଗୀତ ସହ ନୃତ୍ୟ ପ୍ରଦର୍ଶନ, ବାଣୀବିହାର ଛକରେ ସମ୍ବଲପୁରୀ ନୃତ୍ୟ ପରିବେଷିତ ହେଉଛି ।

## ଛତିଶଗଡ଼ରେ ବଡ଼ ...

ଆହୁରି ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ମଧ ମିଳିଛି । ସେଥିରୁ ଅନୁମାନ କରାଯାଉଛି ଯେ ସେମାନେ କ୍ୟାଡର ନକ୍ସଲ ହୋଇଥିବେ । ଗତ ଏପ୍ରିଲ ୧୬ ତାରିଖରେ ଛତିଶଗଡ଼ର କାଙ୍କେର ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ ପ୍ରାଣ ହରାଇଥିଲେ ୨୯ ନକ୍ସଲ । ସେହି ନିହତ ନକ୍ସଲଙ୍କ ମଧ୍ୟରେ ଥିଲେ ସଂଗଠନର ଟପ କମାଣ୍ଡର ଶଙ୍କର ରାଓ । ତା' ମୁଣ୍ଡରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ଗତ ଦୁଇ ତିନି ମାସ ଭିତରେ ଛତିଶଗଡ଼ରେ ଏନ୍‌କାଉଣ୍ଟରେ ପ୍ରାୟ ୮୦ ନକ୍ସଲ ନିହତ ହୋଇସାରିଲେଣି ।

## ଆଗାମୀ ୪ ଦିନ ଯାଏଁ ...

ରବିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ଏଥିସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ । ସେହିପରି ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ଓ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ରବିବାର ସକାଳ ସାଢ଼େ ୮ଟାରୁ ସୋମବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ଏଥିସହ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବୋହିବ । ତେବେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, ପୁରୀ, କନ୍ଧମାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ଓ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସୋମବାର ସକାଳ ସାଢ଼େ ୮ଟାରୁ ବୁଧବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, କଟକ, ବୌଦ୍ଧ, ନୟାଗଡ଼,ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କନ୍ଧମାଳ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ଓ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସଙ୍କ କହିବା ଅନୁସାରେ ଆଗାମୀ ସପ୍ତାହରେ ତାତି ବଢ଼ିବ । ଅର୍ଥାତ ୧୭ରୁ ୨୩ ତାରିଖ ମଧରେ ରାଜ୍ୟର ଅଧିକାଂଶ ଟାଉନ୍ ?ରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି । ଏଥିସହ କେତେକ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବୋହିବ ବୋଲି ଶ୍ରୀ ଦାସ କହିଛନ୍ତି ।

## ୫୦ ଦିନ ପରେ ମୁକୁଳିଲେ...

ମୁହଁ ଖୋଲିପାରିବେ ନାହିଁ । ମାର୍ଚ୍ଚ ୨୧ରେ ଇଡି ୬ ଘଣ୍ଟା କେଜ୍ରିୱାଲ ଘରେ ରେଡ କରିବା ପରେ ତାଙ୍କୁ ଗିରଫ କରିଥିଲା । ଏହାପରେ ଦୁଇଟି ପର୍ଯ୍ୟାୟରେ ତାଙ୍କୁ ରିମାଣ୍ଡରେ ନେଇଥିବା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା । ଏହାପରେ ଏପ୍ରିଲ ୧ରୁ ସେ ତିହାର ଜେଲର ବିଚାର ବିଭାଗୀୟ ହାଜତରେ ରହିଥିଲେ ।

## ଆଜିଠୁ ଖୋଲିବ କେଦାରନାଥ ...

ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଲାଣି । ଆଜି କେଦାରନାଥ, ଯମୁନୋତ୍ରୀ ଓ ବଦ୍ରିନାଥ ଧାମର କବାଟ ଖୋଲିବ । ଏଥିନିମନ୍ତେ ମନ୍ଦିରକୁ ପ୍ରାୟ୪୦ କ୍ୱିଣ୍ଟାଲ ଫୁଲରେ ସଜା ଯାଇଛି । ଏହି ଫୁଲ ହେଲିକପ୍ଟର ଯୋଗେ ଉପରକୁ ନିଆଯାଇଛି । ମାତ୍ର ବଦ୍ରିନାଥ ଧାମର କବାଟ ଆସନ୍ତା ୧୨ ତାରିଖରେ ଖୋଲିବ । ଆଜି କେଦାରନାଥ ଧାମ ଖୋଲୁଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ଗତକାଲି ସୁଦ୍ଧା ଚାରି ଧାମ ଯାତ୍ରା ନିମନ୍ତେ ୨୨ ଲକ୍ଷ ଶ୍ରଦ୍ଧାଳୁ ନାମ ପଞ୍ଜୀକରଣ କରି ସାରିଛନ୍ତି । ଚାରି ଧାମ ଖୋଲିବା ଅବସରରେ ରାଜ୍ୟ ସରକାର ହେଲିକପ୍ଟରରେ ଫୁଲ ବର୍ଷା କରିବେ ବୋଲି ପୂର୍ବରୁ ଘୋଷଣା କରି ସାରିଛନ୍ତି । ଏହି ଅବସରରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଧାମୀ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଯାତ୍ରା କାମନା କରିଥିବା ବେଳେ ଏଥିନିମନ୍ତେ ଅଧିକାରୀ ସଦାସର୍ବଦା ପ୍ରଚେଷ୍ଟାରତ ଥିବା କହିଛନ୍ତି । ପ୍ରତି ବର୍ଷ ଏହି ଚାରି ଧାମର ଦ୍ୱାର ଅକ୍ଟୋବର- ନଭେମ୍ବରରେ ବନ୍ଦ ହେଉଥିବା ବେଳେ ଏପ୍ରିଲ-ମେ' ମାସରେ ଖୋଲା ହୋଇଥାଏ । ଏବେଠୁ ଏହା ପ୍ରାୟ ୬ ମାସ ଖୋଲା ରହିବ । ଏହି ସମୟରେ ଦେଶ ବିଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁ ପ୍ରତି ବର୍ଷ କେଦାରନାଥ ଧାମ ଆସିଥାନ୍ତି ।

# ବିଶାଳ ଶୋଭାଯାତ୍ରାରେ ଯାଇ ନାମାଙ୍କନ ପତ୍ର ଦାଖଲ କଲେ ବିଜେପି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ



ନୀଳଗିରି, ୧୦/୫ (ନି.ପ୍ର): ପବିତ୍ର ଅକ୍ଷୟତୃତୀୟା ଅବସରରେ ବିଜେପି ପ୍ରାର୍ଥୀ ସନ୍ତୋଷ ଖଟୁଆ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ନୀଳଗିରି ଉପ- ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ଠାରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀପତ୍ର ଦାଖଲ ସମୟରେ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ଔପଦା ବ୍ଲକ୍ ଅଧକ୍ଷା ବିପି ବିସ୍ୱା ପାତ୍ର, ବିଶ୍ୱନାଥ ମିଶ୍ର , ଆଇନଜୀବୀ ଶଶିଧର ରଣଜୀତ, ଦେବେନ୍ଦ୍ରପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବାହ୍ନ ୯ଘଟିକାରେ ନୀଳଗିରିର ଆରାଧ ଦେବତା ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ମା ଲକ୍ଷ୍ମୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ମାଙ୍କ ଆଶିଷ ନେଇଥିଲେ । ପରେପରେ ଏକ ବିଶାଳ ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିର ଠାରୁ ବାହାରି ବିଜେପିର ବରିଷ୍ଠନେତାଙ୍କ ସହିତ ରଥାଦାଣ୍ଡରେ ଶୋଭାଯାତ୍ରାରେ ଆସିଥିଲେ । ନୀଳଗିରି, ବାହାନଗା, ଔପଦା ଏ୍ୱଂ ନୀଳଗିରି ଏନଏସିରୁ ପ୍ରାୟ କୋଡ଼ିଏ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଆସିବା ସମୟରେ ଏହା ଅଦିନିଆ ରଥଯାତ୍ରାର ଭ୍ରମ ସୃଷ୍ଟି କରିଥିଲା । ଏହି ଅବସରରେ ନୀଳଗିରିର ଚାରି ପ୍ରବେଶପଥ ସମ୍ପୂର୍ଣ୍ଣ ଜାମ ହୋଇଯାଇଥିଲା । ଧୁମୁସା, ମାଦଳ ବାଦ୍ୟ, ଆଦିବାସୀ ନୃତ୍ୟ, ବେଣ୍ଡପାର୍ଟି, ବାଜାରେ ରଥଦାଣ୍ଡ ଉଚ୍ଛୁଳି ଉଠିଥିଲା । ନିଳଗିରି ରଥଦାଣ୍ଡ ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଗେରୁଆମୟ ଦେଖାଯିବା ସହିତ ଜନସମୁଦ୍ର ପାଲଟି ଯାଇଥିଲା ।ଏହି ଶୋଭାଯାତ୍ରାରେ ଅନ୍ୟ ମାନଙ୍କ ମଧ୍ୟରେ, ଜିଲ୍ଲା ବିଜେପି ସଭାପତି, ଉମାକାନ୍ତ ମହାପାତ୍ର,କରୁଣାକର ପଣ୍ଡା, ରଞ୍ଜିତା ସିଂ,ରବୀନ୍ଦ୍ର ନାୟକ, କୃତିବାସ ବେହେରା, ସୁନୀଲ ମହାନ୍ତି, ଶିଶିର ରାଉତ, ଦୀପ୍ତିକାନ୍ତ ପୃଷ୍ଟି, ସୁରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତ ରାୟ, ରବୀନ୍ଦ୍ର ନାୟକ, ସବ୍ୟସାଚୀ ମହାପାତ୍ର,କୃତିବାସ ବେହେରା, ସୁନୀଲ ମହାନ୍ତି, ଶିଶିର ରାଉତ,ସୁରଞ୍ଜନ ମହାପାତ୍ର,ରେଣୁ ବିଶ୍ୱାଳ, ରଞ୍ଜିତା ସିଂ, ପ୍ରଫୁଲ୍ଲ ସାମନ୍ତରାୟ, ସମର ଶଙ୍କର କାନୁନଗୋ, ବିଶ୍ୱରଂଜନ ମହାନ୍ତି, ଚନ୍ଦ୍ରକାନ୍ତ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ, ପଙ୍କଜ ପଣ୍ଡା ଓ ବହୁ ବରିଷ୍ଠ ବିଜେପି ନେତାଙ୍କ ନେତୃତ୍ୱରେ ଉକ୍ତ ବିଶାଳ ଶୋଭାଯାତ୍ରା ପରିଚାଳିତ ହୋଇଥିଲା ।

## ବାଲିଆପାଳ ଶ୍ରଦ୍ଧାପତି ଶ୍ରୀଜଗନ୍ନାଥଙ୍କ ରଥ କାଠ ଅନୁକୂଳ

ବାଲିଆପାଳ , ୧୦/୫ (ନି.ପ୍ର): ବାଲିଆପାଳର ଖଗଡ଼ା ପାଳ ସ୍ଥିତ ପ୍ରସିଦ୍ଧ ଶ୍ରଦ୍ଧାପତି ଶ୍ରୀଜଗ୍ନାଥଙ୍କ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରଥ କାଠ ଅନୁକୂଳ ହୋଇଛି । ସ୍ଥାନୀୟ ହାସିମପୁର ଗ୍ରାମରେ ଗଛ ଚିହ୍ନଟ କରାଯାଇଥିଲା । ଏଥିପାଇଁ ପ୍ରାତଃରେ ଚିହ୍ନଟ ଦାରୁ ଗୁଡ଼ିକୁ ପୂଜା ଅର୍ଚ୍ଚନା କରାଯାଇଥିଲା । ମନ୍ଦିରର ମୁଖ୍ୟ ପୂଜକ ବିଷ୍ଣୁ ପଦ ପାଠୀ, ବଳଦେବ ପଣ୍ଡା, ଶମ୍ଭୁନାଥ ପାଣିଗ୍ରାହୀ, ମନ୍ଦିର ଟ୍ରଷ୍ଟ ବୋର୍ଡ ର ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମଧୁସୂଦନ ବାରିକ, ମଧୁସୂଦନ ସାହୁ , ପ୍ରଫୁଲ୍ଲ କୁମାର ସାହୁ, ମୁରଲୀ ମୋହନ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥଲେ ।

# ପଟିଦିଅଁ ଅଙ୍କନ ପାଇଁ ୬ଟି ଜଗନ୍ନାଥ ମନ୍ଦିରରୁ ମିଳିଲା ଚିତ୍ରକରଙ୍କୁ ସ୍ୱୀକୃତି

ବାଲେଶ୍ୱର , ୧୦/୫ (ନି.ପ୍ର): ଅକ୍ଷୟ ତୃତୀୟା ଅବସରରେ ଜଗନ୍ନାଥ ସଂସ୍କୃତିର ଅନନ୍ୟ ପ୍ରଥା ପରମ୍ପରା ପଟିଦିଅଁ ଅଙ୍କନ ପାଇଁ ୬ଟି ଜଗନ୍ନାଥ ମନ୍ଦିରରୁ ମିଳିଲା ଚିତ୍ରକରଙ୍କୁ ସ୍ୱୀକୃତି । ଜଗନ୍ନାଥ (ଅନନ୍ତ ନାରାୟଣ) ପାଇଁ ଶିଳ୍ପୀ କେଶୁ ଦାସ, ସୁଭଦ୍ରା (ଭୁବନେଶ୍ୱରୀ) ପାଇଁ ଭବାନୀ ଶଙ୍କର ନାୟକ ଓ ବଳଭଦ୍ର (ଅନନ୍ତ ବାସୁଦେବ) ପାଇଁ ଦେବାଶିଷ ପତି ବାଲେଶ୍ୱରର ନୀଳଗିରି, ସାଶଙ୍ଗ, ଜୟଦେବ କସବା, ଗଣେଶ୍ୱର ପୁର, ରେମୁଣା ଓ ଦୁବଲାଗଡି ଜଗନ୍ନାଥ ମନ୍ଦିରରୁ ପାରମ୍ପରିକ ରୀତିରେ ମନ୍ଦିରର ମୁଖ୍ୟ ପୂଜକଙ୍କ ଠାରୁ ସ୍ୱୀକୃତି ଗ୍ରହଣ କଲେ । ପଟିଦିଅଁ ଅଙ୍କନ ଉତ୍ସବରେ ଯୋଗଦାନ କରିବାକୁ ଥିବା ଚିତ୍ରକର ଅରୁଣ କୁମାର ବାରିକ, ଗଦାଧର ମହାନ୍ତି, ରୂପକ ଦାସ, ପପୁନ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ନୀଳଗିରିର ଦୀନବନ୍ଧୁ କର, ବ୍ରହ୍ମା ପୁଣ୍ୟ ଶ୍ଲୋକ ନନ୍ଦ, ବ୍ରହ୍ମା ସରୋଜ ନନ୍ଦ, ସାଶଙ୍ଗର ପ୍ରଭାସ ଦାସ, ବିକାଶ ଦାସ, ଜୟଦେବ କସବା ର ବିଜୟ ସତପଥୀ , ଜୀବନ ସତପଥୀ, ଗଣେଶ୍ୱର ପୁରର ଲକ୍ଷ୍ମୀ ନାରାୟଣ ପାଣି, ମନୋରଞ୍ଜନ ଦାସ, ଭବାନୀ ଶଙ୍କର ହୋତା, ରେମୁଣା ସତ୍ୟ ପଣ୍ଡା, ରବିନ୍ଦ୍ର କୁମାର ଚନ୍ଦ, ବାସନ୍ତୀ ଚନ୍ଦ ଓ ଦୁବଲାଗଡି ର ଆରତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ । ବିଗତ ବର୍ଷ ପରି ଚଳିତ ବର୍ଷ ଆସନ୍ତା ଜୁନ୍ ତା ୧୭ ରୁ ୨୨ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ୬ ଦିନଧରି ନୋସି କଲଚ୍ୟୁରାଲ ଏକାଡେମି ଦ୍ୱାରା ନୋସି ବିଜିନେସ ପାର୍କର ଉତ୍କଳା ପରିସରରେ ପଟିଦିଅଁ ଅଙ୍କନ ଉତ୍ସବ ଯଥାବିଧି ପାଳନ କରାଯିବ ବୋଲି ପଟିଦିଅଁ ଅଙ୍କନ ଉତ୍ସବ ର ଆବାହକ ଶିଳ୍ପୀ କେଶୁ ଦାସ ଜଣାଇଛନ୍ତି ।



# ଆସନ୍ତା ୧୧,୧୫ ଓ ୧୯ ରିଖରେ କନ୍ଧମାଳ ସାଂସଦ ପ୍ରାର୍ଥୀଙ୍କ ବ୍ୟୟ ପର୍ଯ୍ୟବେକ୍ଷକ କରିବେ ନିରୀକ୍ଷକ: ଠିକ୍ ନଥିଲେ ହେବ କାର୍ଯ୍ୟାନୁଷ୍ଠାନ

କନ୍ଧମାଳ, ୧୦/୫ (ନି.ପ୍ର): ବ୍ୟୟ ପର୍ଯ୍ୟବେକ୍ଷକ ବା ତାଙ୍କ ପରାମର୍ଶ କ୍ରମେ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ପଦନାମିତ ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ବ୍ୟୟ ରେଜିଷ୍ଟର ନିରୀକ୍ଷଣ କରାଯିବା ସକାଶେ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା କାର୍ଯ୍ୟ ନିର୍ଘଂଟ ତାଲିକା ପ୍ରସ୍ତୁତ କରାଯାଇଥାଏ । ନିର୍ବାଚନ ପ୍ରଚାର ଅବଧି ମଧ୍ୟରେ ସେହି ରେଜିଷ୍ଟର ପ୍ରାର୍ଥୀଙ୍କ ଦ୍ୱାରା ବା ତାଙ୍କର ନିର୍ବାଚନ ଏଜେଂଟ ବା ତାଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଅନ୍ତତଃ ତିନିଥର ବ୍ୟୟ ପର୍ଯ୍ୟବେକ୍ଷକ/ପଦନାମିତ ଅଧିକାରୀଙ୍କୁ ନିରୀକ୍ଷଣ ସକାଶେ ଦାଖଲ କରାଯିବା ଉଚିତ । ଦୁଇଟି ନିରୀକ୍ଷଣ ମଧ୍ୟରେ ଅନ୍ୟୁନ ତିନିଦିନ ଅନ୍ତର ରହିବା ଉଚିତ୍ । ଏହି କ୍ରମରେ ୧୩-କନ୍ଧମାଳ ସାଂସଦୀୟ କ୍ଷେତ୍ରର ରିଟର୍ଣ୍ଣିଂ ଅଫିସର ଚଳିତ ବର୍ଷ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ବ୍ୟୟ ରେଜିଷ୍ଟର ନିରୀକ୍ଷଣ ସକାଶେ ଏକ କାର୍ଯ୍ୟ ନିର୍ଘଂଟ ତାଲିକା ପ୍ରସ୍ତୁତ କରିଛନ୍ତି । ସେହି କାର୍ଯ୍ୟ ନିର୍ଘଂଟ ତାଲିକାରୁ ଜଣାପଡ଼ିଛି ଯେ, ଅଚ୍ୟୁତାନନ୍ଦ ସାମନ୍ତ, ବିଜୁ ଜନତା ଦଳ, ଅମିର ଚାନ୍ଦ ନାୟକ, ଭାରତୀୟ ଜାତୀୟ କଂଗ୍ରେସ, ସୁକାନ୍ତ କୁମାର ପାଣିଗ୍ରାହୀ, ଭାରତୀୟ ଜନତା ପାର୍ଟି, ହରିବନ୍ଧୁ ବେହେରା, ବହୁଜନ ସମାଜବାଦୀ ପାର୍ଟି, ପର୍ଶୁରାମ ପ୍ରଧାନ, କଳିଙ୍ଗ ସେନା, ଭାଗିରଥି ବଳିଆରସିଂ, ମାନସ ଲୋକଶକ୍ତି ଦଳ, ସୁବାଶ ମହାପାତ୍ର, ଜାତୀୟ ଜନ ଦଳଙ୍କ ବ୍ୟୟ ରେଜିଷ୍ଟର ତା. ୧୧.୦୫.୨୦୨୪, ତା. ୧୫.୦୫.୨୦୨୪ ଏବଂ ତା. ୧୯.୦୫.୨୦୨୪ରିଖ ଦିନ ସ୍ଥାନୀୟ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ନିକଟରେ ଖୋଲାଯାଇଥିବା ବ୍ୟୟ ମନିଟରିଂ ସେଲ୍ରେ ବ୍ୟୟ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ନିରୀକ୍ଷଣ କରାଯିବ । ସେମାନଙ୍କୁ ସେହି ଦିନମାନଙ୍କରେ ଆବଶ୍ୟକ ରେଜିଷ୍ଟର ଓ ଆନୁସଙ୍ଗିକ କାଗଜାତ ସହ ଉପସ୍ଥିତ ରହିବାକୁ ରିଟର୍ଣ୍ଣିଂ ଅଫିସର ଅନୁରୋଧ କରିଛନ୍ତି । ବ୍ୟୟ ରେଜିଷ୍ଟର ଦାଖଲ ନକଲେ, ରିଟର୍ଣ୍ଣିଂ ଅଫିସର ସଂପୃକ୍ତ ପ୍ରଥୀଙ୍କୁ ଲିଖିତ ଆକାରରେ ଏକ ନୋଟିସ୍ ଜାରି କରିବେ ଏବଂ ଲୋକ ପ୍ରତିନିଧିତ୍ୱ ଅଧିନିୟମ,୧୯୫୧ର ଧାରା ୭୭ ଅନୁଯାୟୀ ତାଙ୍କ ଦ୍ୱାରା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି ।

SRIAUROBINDO PURNANGA SHIKSHYA NIKETAN (SAPSN)

AT/PO-CHHAMAUJ, VIA-JALESWAR
DIST-BALASORE, MOB-9437532022

Admission Notice

S.A.P.S.N., Chhamauj, Jaleswar, Balasore -756086 (One Residential School )has invited applications from parents in Primary class (Class-1 to 5) for Both Boys & Girls within 31 May-2024.

For Free admission in entry class (Class-lonly) weaker & disadvantage group 25% of total seat reserved for them as per RTE norms. Parents from SC, ST, and SEBC categories with Ration card holders can be apply with proper evidence within 2 k.m. radius from school.

Principal
SAPSN, Chhamauj

# ନାମାଙ୍କନ ପତ୍ର ଦାଖଲ କଲେ ବର୍ଷା, ଆକାଶ ଓ ପ୍ରୀତିରଞ୍ଜନ

ଯାଜପୁର, ୧୦/୫ (ନି.ପ୍ର): ଯାଜପୁର ଜିଲ୍ଲାରେ ଆଜି ବିଭିନ୍ନ ଦଳର ପ୍ରାର୍ଥୀମାନେ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସୁକିନ୍ଦା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼େଇ, ବିଜେପି ପ୍ରାର୍ଥୀ ପ୍ରଦୀପ ବଳ ସାମନ୍ତ, କୋରେଇ ବିଜେପି ପ୍ରାର୍ଥୀ ଆକାଶ ଦାସ ନାୟକ, ବଡ଼ଚଣା ବିଜେଡି ପ୍ରାର୍ଥୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ବଡ଼ଚଣା ବିଜେପି ପ୍ରାର୍ଥୀ ଅମର ନାୟକ, ଯାଜପୁର ବିଜେପି ପ୍ରାର୍ଥୀ ଗୌତମ ରାୟ, ବରୀ ବିଜେପି ପ୍ରାର୍ଥୀ ଉମେଶ ଜେନା, ବରୀ କଂଗ୍ରେସ ପ୍ରାର୍ଥୀ ଦେବାଶିଷ ନାୟକ, ଯାଜପୁର କଂଗ୍ରେସ ସାଂସଦ ପ୍ରାର୍ଥୀ ଅଞ୍ଚଳ ଦାସ ଓ ବିଜେପି ସାଂସଦ ପ୍ରାର୍ଥୀ ରବୀନ୍ଦ୍ର ବେହେରା ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।ଆଜି ନାମାଙ୍କନ ପତ୍ର ଭରିବା ବେଳେ ସମସ୍ତ ନେତା ଓ କର୍ମୀ ବେଶ୍ ଉତ୍ସାହିତ ଥିଲେ । ବଡ଼ଚଣା ଈଔଡ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଇ ମୁଁ ଆଜି ନାମାଙ୍କନ ପତ୍ର ଦାଖଲ କରିଛି । ବଡ଼ଚଣାବାସୀ ମୋର ପରିବାର ହୋଇଗଲେଣି । ସେମାନଙ୍କର ଯାହା ସ୍ୱପ୍ନ ରହିଛି ମାନ୍ୟବର ମୁଖ୍ୟମନ୍ତ୍ରଙ୍କ ନିର୍ଦ୍ଦେଶରେ ସେ ସବୁକୁ ମୁଁ ପୂରଣ କରିବି । ସୁକିନ୍ଦା ଈଔଡ ବିଧାୟକ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି, ଦାନଗଦି ଓ ସୁକିନ୍ଦା ଜନସାଧାରଣ ମାନେ ଆଜି ଦିନକୁ ସ୍ଥିର କରିଥିଲେ ନାମାଙ୍କନ ପତ୍ର ଦାଖଲ କରିବା ପାଇଁ । ତେଣୁ ଆଜି ମୋ ପାଇଁ ଏହା ଏକ ପବିତ୍ର ଦିନ । ସମସ୍ତଙ୍କର ଉପସ୍ଥିରେ ନାମାଙ୍କନ ପତ୍ର ଦାଖଲ କରିଛି । ଯାଜପୁରର ଈଔଚ ପ୍ରାର୍ଥୀ ଗୌତମ ରାୟ କହିଛନ୍ତି, ଯାଜପୁର ଲୋକ ମାନେ ମନବଳାଇଛନ୍ତି ପୂରା ପରିବର୍ତ୍ତନ କରିବାକୁ । ପରିବର୍ତ୍ତନ ହେବାର କାରଣ ହେଉଛି ମୋଦିଙ୍କ ଗ୍ୟାରେଣ୍ଟି ସେମାନଙ୍କୁ ଆର୍କର୍ଷିତ କରୁଛି । ମୋଦିଙ୍କ ଉପରେ ଆସ୍ଥା ବଢୁଛି । ତେଣୁ ୨୪ ବର୍ଷର ସରକାରକୁ ହଟାଇବା ପାଇଁ ଏଥର ଲଢେଇ ହେବ । ପୂରା ଯାଜପୁର ଜିଲ୍ଲାରେ ୭କୁ ୭ ବିଧାନସଭା ଓ ଲୋକସଭା ଆସନରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ମାନେ ଜିତିବେ । କୋରାଇ ଈଔଚ ପ୍ରାର୍ଥୀ ଆକାଶ ଦାସ ନାୟକ କହିଛନ୍ତି, ଆଜି ସାରା କୋରେଇବାସୀଙ୍କ ଆଶୀର୍ବାଦରେ ମୁଁ ଭାରତୀୟ ଜନତା ପାର୍ଟି ତରଫରୁ ନାମାଙ୍କନ ପତ୍ର ଦାଖଲ କରିଛି ।





ଶନିବାର, ମଇ ୧୧, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉଦ୍‌ଘାଟନୀ ଉତ୍ସବ

ବାଲିଆପାଳ ୧୦/୫ (ନି ପ୍ର ) ବାଲିଆପାଳ ବ୍ଲକ ଛକ ନିକଟ ସ୍ୱର୍ଗତ ମଧୁସୂଦନ ପ୍ରଧାନଙ୍କ କୋଠାରେ ଶୁକ୍ରବାର ଓଡ଼ିଶା ଶିକ୍ଷା ବିକାଶ ସମିତି ଅଧିନ ନୂଆକରି ଏକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଦଘାଟିତ ହୋଇଛି ।୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଆସନ୍ତା କାଲିଠୁ ଛାତ୍ର ଛାତ୍ରୀ ଗ୍ରହଣ କରାଯିବ। ପ୍ରାରମ୍ଭ ବୋଧ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ପଢ଼ି ପାରିବେ। ଅତ୍ୟାଧୁନିକ ସବୁ ସୁବିଧା ସୁଯୋଗ ଶିଶୁ ବିଦ୍ୟା ମନ୍ଦିର ରେ ଉପଲବ୍ଧ।ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ବିକାଶ ସମିତିର ସହ ବିଭାଗ ପ୍ରମୁଖ ଶ୍ରୀନିବାସ ପ୍ରଧାନ, ଶିକ୍ଷାବିତ୍ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି , ମନୋଜ କୁମାର ବାରିକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିବାବେଳେ ଶିଶୁ ମନ୍ଦିରର ସଭାପତି ସୁଶାନ୍ତ କୁମାର ଚକ୍ରବର୍ତ୍ତୀ , ଉପ ସଭାପତି ମନୋଜ କୁମାର ସି, ସହ ସମ୍ପାଦକ ଅମିତ୍ କୁମାର ସାହୁ, କୋଷାଧକ୍ଷ ପ୍ରାଣକୃଷ୍ଣ ସାହୁ, ସଦସ୍ୟ ରଘୁନାଥ ସୋରେନ୍, ସଦସ୍ୟା ମମତା ସାହୁ , ପ୍ରଧାନ ଅଚାର୍ଯ୍ୟା ମଞ୍ଜୁଲତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୃହ ପୂଜା ଓ ହୋମ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଛାତ୍ର ଅଭିଭାବକ ଏଥିରେ ଯୋଗ ଦେଇ ଥିଲେ।



# ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଅକ୍ଷୟ ତୃତୀୟା ଅବସରରେ ଅଖରେ ଲାଗିଲା ଚକ



ନୀଳଗିରି, ୧୦/୫ (ନି.ପ୍ର): ପବିତ୍ର ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥି ଅତ୍ୟନ୍ତ ପବିତ୍ର ଦିବସ ଅଟେ । ଏହି ଦିବସକୁ ଲୋକେ ଅକ୍ଷୟ ତୃତୀୟା ଭାବେ ପାଳନ କରିଥାନ୍ତି। ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପୂର୍ବାହ୍ନରେ ଶ୍ରୀମନ୍ଦିରରେ ନୀତି ସମାପନ ପରେ ଭୂଦେବୀ ଶ୍ରୀଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ଅଣାଯାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ନୀଳଗିରି ଗଡଜାତ ରାଜ୍ୟର ବଂଶାନୁକ୍ରମିକ ରାଣୀ ମନୋଜା ମଞ୍ଜରୀ ଦେବୀ ନୀତି ଅନୁଯାୟୀ ରଥ ଚକରେ ଅଖ ଲଗା ନୀତି ସମ୍ପନ୍ନ କରିଥିଲେ। ପରମ୍ପରା ଅନୁଯାୟୀ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଆଜିଠାରୁ ରଥକାର୍ଯ୍ୟ ଆରମ୍ଭ ହୁଏ ଏବଂ ଏହି ରଥକାର୍ଯ୍ୟ ନୀଳଗିରି ରାଜାଙ୍କ ଦ୍ୱାରା ଅନୁକୂଳ କରାଯିବାର ବିଧି ମଧ୍ୟ ରହିଛି। ଏହି ଅବସରରେ ନୀଳଗିରି ର ସମସ୍ତ ସେବାୟତ, ଭକ୍ତ ଏବଂ ବହୁ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏଥିସହିତ ଉକ୍ତ ଦିବସରେ ଚାଷୀକୁଳ ଆଗାମୀ ବର୍ଷାଋତୁ ପାଇଁ କୃଷି କାର୍ଯ୍ୟର ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଭୂମାତାଙ୍କୁ ଆବାହନ କରି ଅକ୍ଷିମୁଠି ବହିବା ପୂର୍ବକ ବିହନ ବୁଣି ଅନୁକୂଳ କରିଥାଆନ୍ତି। ଅକ୍ଷୟ ତୃତୀୟା ଅବସରରେ ନୀଳଗିରିର ବିଭିନ୍ନ ସ୍ଥାନରେ କୃଷକ ଭାଇଭଉଣୀ ମାନେ ଭୂମାତା ପୂଜନ ପୂର୍ବକ ବିହନ ଅନୁକୂଳ କରିଥିବା ସୂଚନା ମିଳିଛି।

# ପୁରୀ ଆର୍ଟିଓଙ୍କ ଅଚାନକ ଚଢ଼ାଉ: ୨ ଗୋଟି ବସ୍ ଜବତ

ପୁରୀ, ୧୦/୫ (ନି.ପ୍ର): ଆର୍‌ଟିଓଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଦୁର୍ଘଟଣାରୁ ବର୍ତିଲେ ଯାତ୍ରୀ। ପୁରୀ ଆର୍‌ଟିଓ ଏବଂ ଏମ୍‌ଭିଆଇ ଜିଲ୍ଲାର ବିଭିନ୍ନ ଜାଗାରେ ଅଚାନକ ଚଢ଼ାଉ କରି ଅନେକ ଗାଡ଼ିକୁ ଚାଲାଣ କରିଥିବାବେଳେ ଦ୍ରୁତଗତିରେ ଯାଉଥିବା ୨ଗୋଟି ବସ୍ ଓଆର୍‌୦୨ଓ୍ୱାଇ ୫୩୬୪ ନମ୍ବର ଓ ଓଆର୍‌୦୨ ଏ ୫୨୧୦ ନମ୍ବର ବସ୍‌କୁ ସିଜ କରାଯାଇ ଅଫିସ୍‌ରେ ଅଟକ ରଖାଯାଇଛି। ଚେକିଙ୍ଗ ପରେ ଉଭୟ ବସ୍‌ର ୨ଜଣ ଯାକ ଚାଳକ ପ୍ରଚୁର ମଦ ପିଇ ଥିବାର ପୁରୀ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଏଥିମଧ୍ୟରୁ ଗୋଟେ ବସ୍‌କୁ ୨୦ ହଜାର ଟଙ୍କା ଫାଇନ ଓ ଅନ୍ୟ ବସ୍‌କୁ ୧ ଲକ୍ଷ ୩୭ ହଜାର ୪୨୨ ଟଙ୍କା ଫାଇନ କରଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆର୍‌ଟିଓ ରବିନ୍ ପଟ୍ଟନାୟକ ଏବଂ ଏମ୍‌ଭିଆଇଙ୍କ ସହିତ ସମସ୍ତ କର୍ମଚାରୀ ସାମିଲ ଥିଲେ। ଆଗକୁ ଜିଲ୍ଲାରେ ପରିବହନ ବିଭାଗ ଓ ପୋଲିସର ମିଳିତ ପ୍ରୟାସରେ ବିଭିନ୍ନ ଜାଗାରେ ଏଭଳି ଅଚାନକ ଚଢ଼ାଉ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ ମିଡ଼ିଆକୁ ସୂଚନା ଦେଇଥିବାବେଳେ ଗାଡ଼ିଚାଳକ ଏଣିକି ସଚେତନ ଓ ସାବଧାନ ହୋଇ ସଡ଼କ ସୁରକ୍ଷା ଆଇନକୁ ମାନି ଚଳିବାକୁ ନିବେଦନ କରିଛନ୍ତି। ଯା'ଦ୍ୱାରା କି ଗାଡ଼ି ଚାଳକ ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟମାନଙ୍କ ଧନ ଜୀବନ ସୁରକ୍ଷିତ ହେବ ବୋଲି କହିଥିଲେ। ବିଶେଷ କରି ପୁରୀ ଜିଲ୍ଲାରେ ଦୁର୍ଘଟଣା ମୃତ୍ୟୁହାର ରୋକିବାକୁ ପ୍ରତ୍ୟେକ ମଦୁଆ ଗାଡ଼ି ଚାଳକଙ୍କ ପ୍ରତି କଡ଼ା ନଜର ରଖି ତାଙ୍କୁ ସାଓ୍ୱାର୍ଡ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଆର୍‌ଟିଓଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଉଭୟ ବସ୍‌ର ସବୁ ଯାତ୍ରୀ ବିପଦ ମୁକ୍ତ ଭାବେ ଓହ୍ଲାଇଥିବାରୁ ସହରର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରଯାଇଛି।

# ବିଜୁ ଜନତା ଦଳର ବାଲେଶ୍ୱର ସାଂସଦ ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରାର୍ଥିପତ୍ର ଦାଖଲ



ବାଲେଶ୍ୱର, ୧୦/୫ (ନି.ପ୍ର): ବାଲେଶ୍ୱର ଲୋକସଭା ଆସନ ସନରୁ ପ୍ରତିଦ୍ୱନ୍ଦିତା କରୁଥିବା ବିଜେଡି ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଆଜି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି□ଦଳିୟ କର୍ମୀ ଓ ସମର୍ଥକ ମାନଙ୍କ ସହ ଏକ ବିଶାଳ ଶୋଭା ଶୋଭାଯାତ୍ରାରେ ଗାନ୍ଧୀ ସ୍ମୃତୀ ଭବନ ଠାରୁ ବାହାରି ଷ୍ଟେସନ୍ ଛକ, ଫକୀର ମୋହନ ଗୋଲେଇ, ଫାଣ୍ଡି ଛକ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରୈ ପହଁଚିଥିଲେ। । ପାଣ୍ଡି ଛକରେ ଥୁବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିବେକାନନ୍ଦ ମାର୍ଗ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚିଥିଲା । ପରେ ପରେ ସେ ଜିଲ୍ଲାପାଳଙ୍କ ନିକଟରେ ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଏହି ଶୋଭାଯାତ୍ରରେ ପ୍ରାର୍ଥୀ ଲେଖାଶ୍ରୀଙ୍କ ସହିତ ଜଳେଶ୍ୱର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ, ରେମୁଣା ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ, ବସ୍ତା ବିଧାୟିକା ପ୍ରାର୍ଥୀ ସୁବାସିନୀ ଜେନା,ନିଳଗିରି୍ଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ,ସଦର ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ,ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ,1ଟ ଚେୟାରମେନ୍ ଆଲୋକ ସାହୁ ,ଟାଉନ ମହିଳା ବିଜେଡି ସଭାପତି ମୀନା ମହାନ୍ତି ଓ ର୍ଥ୍ରାନ ବ୍ୟାଙ୍କ ସଭାପତି ସୂର୍ଯ୍ୟ କାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

## ବାଣ ଭିଡୁଥିବା ବେଳେ ବିସ୍ଫୋରଣରେ ଜଣେ ଗୁରୁତର

ଖୋର୍ଦ୍ଧା, ୧୦/୫ (ନି.ପ୍ର): ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଜଣେ ଗୁରୁତର ହୋଇଛନ୍ତି । ତାଙ୍କ ନାମ ଗୌରାଙ୍ଗ ଚରଣ ନାୟକ । ଗୁରୁତରଙ୍କୁ ପ୍ରଥମେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ଅବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଖୋର୍ଦ୍ଧା ଜିଲ୍ଲାର ବାଣ କାରଖାନାର ହବ୍ କୁହାଯାଉଥିବା ବାଘମାରୀ ଥାନା ଅନ୍ତର୍ଗତ ଲେଖନପୁର ଗ୍ରାମରେ ବାଣ ତିଆରି ବେଳେ ଆଜି ଅପରାହ୍ନ ପ୍ରାୟ ୩ଟା ସମୟରେ ଏହି ଅଘଟଣ ଘଟିଛି । ବିସ୍ଫୋରଣ ଏତେ ଜୋରଦାର୍ ଥିଲା ଯେ, ବିସ୍ଫୋରଣରେ ଘରର ଆଜବେଷ୍ଟସ୍ ଉଡି କିଛି ଦୂରରେ ପଡିଛି । ଦୁଇ ବଖରା ଘର ନିଆଁ ଲାଗି ପୋଡି ଯାଇଛି ।

# ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କଲେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା



ଲଙ୍ଗଳେଶ୍ୱର, ୧୦/୫ (ନି.ପ୍ର): ଆଜି ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କଲେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରୁ ବିଶାଳ ଶୋଭାଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ବସ୍ତା ଏବଂ ବାଲିଆପାଳରୁ ହଜାର ହଜାର ଦଳୀୟ ସମର୍ଥକ ,କର୍ମୀ, ନେତା, ଶୁଭେଚ୍ଛୁ ଏହି ଶୋଭାଯାତ୍ରାରେ ସାମିଲ ହୋଇ ବିଧାୟକ ପ୍ରାର୍ଥିନୀ ସୁବାସିନୀ ଜେନାଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନେଇଯାଇଥିଲେ । ବାଦ୍ୟର ତାଳେ ତାଳେ କର୍ମୀମାନେ ନାଚି ନାଚି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ।ସାଧାରଣ ନିର୍ବାଚନ ପାଇଁ ଆସନ୍ତା ଏକ ତାରିଖ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଆଜି ବାଲେଶ୍ୱର ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ବିଜୁଜନତା ଦଳ ର ବସ୍ତା ବିଧାୟକ ପ୍ରାର୍ଥୀ ସୁବାସିନୀ ଜେନା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବସ୍ତା ରୁ ବିଧାୟିକା ପ୍ରାର୍ଥୀ ଭାବେ ସୁାସିନି ଜେନା ତାଙ୍କର ସମର୍ଥକ ଙ୍କ ଗହଳରେ ଗାନ୍ଧି ସ୍ମୃତି ଭବନ ଠାରୁ ବିରାଟ ପଟୁଆରରେ ଆସି ନାମାଙ୍କନ ପତ୍ର ଦାଖଲ କରିଥିବା ଦେଖିବାକୁ ମିଳିଛି। ଏହି ନାମାଙ୍କନ ଦାଖଲ ସମୟରେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା,ବସ୍ତା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ବସ୍ତା ବ୍ଲକ ବିଜେଡି ସଭାପତି ଅନୀଲ ମହାନ୍ତି, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବସ୍ତା ବ୍ଲକ ଅଧକ୍ଷା ଅଞ୍ଜଳି ଦାସ, ମହାଦେବ ଦାସ,ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା,ଜିଲ୍ଲା ପରିଷଦ ସଦସ୍ୟା ସୁଜାତା ରାଣୀ ଦଣ୍ଡପାଟ, ଦେବିକା ସୋରେନ୍ , ବିଷ୍ଣୁପ୍ରିୟା ବୁଗୁଡି, ଜିଲ୍ଲା କୃଷକ ସେଲ ସଭାପତି ଅଜୟ ସାମଲ,ପୂର୍ବତନ ଅଧକ୍ଷ ଅଶ୍ୱିନୀ ଜେନା,ଲକ୍ଷ୍ମୀଧର ଦାସ, ବାଲିଆପାଳ ବ୍ଲକ ମହିଳା ସଭାପତି କସ୍ତୁରୀବାଳା ପାତ୍ର,ବସ୍ତା ବ୍ଲକ ସଭାପତି ଲିପିକା ରାଉଳ ଙ୍କ ସମେତ ବସ୍ତା ଏବଂ ବାଲିଆପାଳରୁ ବରିଷ୍ଠ ନେତୃବୃନ୍ଦ ଏବଂ ହଜାର ହଜାର ଯୁବ,ଛାତ୍ର,ମହିଳା କର୍ମୀ ନାମାଙ୍କନ ଦାଖଲ ଅବସରରେ ସାମିଲ ହୋଇଥିଲେ ।

# ଅକ୍ଷୟ ତୃତୀୟା ତିଥିରେ ସର୍ବେଶ୍ୱର ମହାନ୍ତଙ୍କ ବେତନଟୀର ସଂକ୍ଷିପ୍ତ ଇତିହାସ ପୁସ୍ତକ ଉନ୍ମୋଚିତ



ବେତନଟୀ, ୧୦/୫ (ନି.ପ୍ର): ମୟୂରସାହିତ୍ୟ ସଂସଦ ବେତନଟୀର ସ୍ୱନକ୍ଷତ୍ର ଦିବସ ପାଳନ ଉତ୍ସବ ଅକ୍ଷୟ ତୃତୀୟା ତିଥିରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ଅନୁଷ୍ଠାନର ପରିଚାଳକ ଗୌତମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଓଡିଶା ସାହିତ୍ୟ ଏକାଡେମର ପ୍ରାକ୍ତନ ସଦସ୍ୟ ତଥା ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼କ୍ଟର ରମାକାନ୍ତ ସିଂହ, ସମ୍ମାନିତ ଅତିଥି ଭାବରେ ସିଦ୍ଧେଶ୍ୱର ପାଣି ଗ୍ରାହୀ ଏବଂ ପ୍ରିୟନାଥ ପାଣି, ମୁଖ୍ୟ ବକ୍ତା ଭାବରେ 'କବି ସଙ୍ଗମ'ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ପରିଷଦର ସଭାପତି ବାସୁଦେବ ନାପିତ, ସମ୍ମାନିତ ବକ୍ତା ଭାବରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ବେତନଟୀର ଅଧକ୍ଷ ଜୟଶ୍ରୀ ଉପାଧ୍ୟାୟ, ପ୍ରାକ୍ତନ ସି ଆର ସି ସି ସବିତା ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ବେତନଟୀର ସୁ ପରିଚିତ ଲେଖକ ସର୍ବେଶ୍ୱର ମହାନ୍ତଙ୍କ ନବମ ପୁସ୍ତକ ବେତନଟୀର ସଂକ୍ଷିପ୍ତ ଇତିହାସ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇ ଯାଇଛି । ଏଥିରେ ପୁସ୍ତକର ପ୍ରକାଶିକା ସୁମତୀ ମହାନ୍ତଙ୍କ ସମେତ ପ୍ରଭାତୀ ମହାନ୍ତି, ରଂଜିତା କର,ଡ଼କ୍ଟର ମନ୍ଦାକିନୀ ସାହୁ, ସୀମା ଦାସ ଖଟୁଆ, ଗୀତାଞ୍ଜଳି ଭୂୟାଁ, ନିମାଇଁ ଚରଣ ବେହେରା,ଡ଼କ୍ଟର ରମାକାନ୍ତ ମହାନ୍ତ, ରବୀନ୍ଦ୍ର ନାଥ ଖଟୁଆ, ପର୍ଶୁରାମ ସାହୁ, ସୁଶାନ୍ତ କୁମାର କର, ରତିକାନ୍ତ ବେହେରା, ଲକ୍ଷ୍ମୀ ଧର ବେହେରା, ହରେକୃଷ୍ଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ସଭା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବନମୟୂରୀର ସମ୍ପାଦକ ନୀରଦ ସୁନ୍ଦର ଜେନା । ଧନ୍ୟବାଦ ଅର୍ପଣ କରିଥିଲେ କବୟିତ୍ରୀ ସୀମା ଦାସ ଖଟୁଆ ।

# 'ଅକ୍ଷୟ ତୃତୀୟା'ରେ ସମ୍ବଲପୁରରେ ଅକ୍ଷିମୁଠି ଅନୁକୂଳ କଲେ କେନ୍ଦ୍ରମନ୍ତ୍ରୀ



ସମ୍ବଲପୁର, ୧୦/୫ (ନି.ପ୍ର): କୃଷିଭିତ୍ତିକ ପର୍ବ 'ଅକ୍ଷୟ ତୃତୀୟା' ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ହୀରାକୁଦର ସାପଲହରା ଗାଁରେ ଚାଷୀ ଭାଇ ମାନଙ୍କ ସହ ମିଶି ଅକ୍ଷିମୁଠି ଅନୁକୂଳ କରିବା ସହ ଧାନ ବୁଣିଛନ୍ତି । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ଓଡ଼ିଶା ସମେତ ଦେଶର ଚାଷୀମାନଙ୍କୁ 'ଅକ୍ଷୟ ତୃତୀୟା'ର ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ ଓଡ଼ିଆ ପରମ୍ପରାରେ ଆଜି ଓଡ଼ିଆଙ୍କ ପାଇଁ ଏବଂ ଚାଷୀ ଭାଇଙ୍କ ପାଇଁ ଏକ ଶୁଭ ଦିନ । ଆଜିର ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ତିଆରି କାମ ଆରମ୍ଭ ହେଉଛି । ଶୀତଳଷଷ୍ଠୀର କାର୍ଯ୍ୟକ୍ରମ ମଧ୍ୟ ଆଜି ଠାରୁ ଆରମ୍ଭ ହୋଇଛି । ଏହି ପବିତ୍ର ଦିନରେ ଅକ୍ଷିମୁଠି ଅନୁକୂଳ କରିବାର ସୌଭାଗ୍ୟ ପାଇଥିବାରୁ ମୁଁ ଖୁସି । ଆମ ରାଜ୍ୟ ଓଡ଼ିଶା ଏକ କୃଷି ଆଧାରିତ ରାଜ୍ୟ । ଆଗାମୀ ଦିନ ମାନଙ୍କରେ ଆମ ରାଜ୍ୟ ଓଡ଼ିଶା ଦେଶରେ ଏକ ନମ୍ବର ହେଉ, ପ୍ରଗତି ପଥରେ ଯାଉ । ଚାଷୀ ଭାଇ ମାନଙ୍କର ଜମିରେ ଭଲ ଫସଲ ହେଉ । ଓଡ଼ିଆ ଲୋକଙ୍କ ଜୀବନ ସୁଖମୟ ହେଉ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଇଙ୍କ ପାଖରେ ପ୍ରାର୍ଥନା । ଆମ ଦେଶ ଅର୍ଥନୀତିର ମେରୁଦଣ୍ଡ ତଥା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଗୁରୁ ଦାୟିତ୍ୱ ବହନ କରୁଥିବା ଚାଷୀ ଭାଇ ମାନଙ୍କର କଲ୍ୟାଣ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶରଧାପାଲି ଠାରେ ପଦଯାତ୍ରାରେ ସାମିଲ ହୋଇ ସ୍ଥାନୀୟ ଅଞ୍ଚଳର ମାତୃଶକ୍ତି, ଗୁରୁଜନ ଓ ଯୁବବନ୍ଧୁଙ୍କୁ ଭେଟି ଦେଶରେ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ସହ ଓଡ଼ିଶାରେ ବିଜେପି ସରକାର କରିବା ପାଇଁ ପଦ୍ମଫୁଲରେ ଭୋଟ୍ ଦେବାକୁ ଅନୁରୋଧ କରିଥିଲେ । ସେହିପରି ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଅବସରରେ ସମ୍ବଲପୁରରେ 'ହରି ଓମ୍ ବାବା ଗୋଶାଳା' ପରିସରରେ ଗୋମାତାଙ୍କ ସେବା କରିବା ସହ ପ୍ରଭୁ ପର୍ଶୁରାମଙ୍କ ପୂଜାର୍ଚ୍ଚନା କରିଥିଲେ । ଗୋମାତାଙ୍କ ସେବା କଲେ ଆମକୁ ପୁଣ୍ୟ ପ୍ରାପ୍ତ ହୋଇଥାଏ ବୋଲି ସେ କହିଥିଲେ । ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟ ନାରାୟଣ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

# ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ-୨୦୨୪ ପାଳିତ



ବାରିପଦା, ୧୦/୫ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ, ମୟୂରଭଞ୍ଜ ଆନୁକୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ-୧, ଶ୍ୟାମାଖୁଣ୍ଟା ପରିସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ-୨୦୨୪ ପାଳନ ହୋଇ ଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ, ମୟୁରଭଂଜ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ (ଭା. ପ୍ର. ସେ.)ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାଲକ୍ଷ୍ମୀ ଙ୍କୁ ପୂଜାର୍ଚ୍ଚନା ପୂର୍ବକ ଚଳିତ ଖରିଫ ଋତୁ ରେ ଚାଷ କାର୍ଯ୍ୟର ପ୍ରଥମ ସୋପାନ ଅକ୍ଷିମୁଠି ର ଶୁଭ ଅନୁକୂଳ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଚାଷୀକୁଳଙ୍କ ଶୁଭମନାସି ଏବର୍ଷ ଆମ ଜିଲ୍ଲା ର ଚାଷୀମାନେ ଯେମିତି ଅଧିକ ଅମଳ କରନ୍ତୁ ଏବଂ ସେମାନଙ୍କ ଜୀବନଧାରଣ ମାନରେ ଆହୁରି ଉନ୍ନତି ହେଉ ବୋଲି ମା ଲକ୍ଷ୍ମୀ ଙ୍କ ପାଖରେ ପ୍ରାର୍ଥନା କରିବା ସହ ଜିଲ୍ଲାପାଳ କହିଥିଲେ କି ପୂର୍ବ ବର୍ଷ ତୁଳନା ରେ ଜିଲ୍ଲାର ଜଳସେଚନ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଘଟିଛି ତେଣୁ ଚାଷୀ ମାନଙ୍କ ପାଇଁ ଏହା ନିଶ୍ଚିତ ଅନୁକୁଳ ହେବ ଏବଂ ଯଦି ଚାଷ କାର୍ଯ୍ୟ ସମୟରେ କୌଣସି କ୍ଷେତ୍ର ରେ ଚାଷୀମାନେ ଚାଷ ସମ୍ବନ୍ଧୀୟ କୌଣସି ଅସୁବିଧା ର ସମ୍ମୁଖୀନ ହୁଅନ୍ତି ତେବେ ସେମାନେ ନିଜ ନିଜ ଅଂଚଳ ର କୃଷି କ୍ଷେତ୍ର କର୍ମଚାରୀ ଙ୍କ ସହ ଯୋଗାଯୋଗ କରି ସମସ୍ୟା ର ସମାଧାନ କରିପାରିବେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ସିଦ୍ଧାର୍ଥ ବେହୁରା ଓ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ ଡା. ସଂଘମିତ୍ରା ପଟ୍ଟନାୟକ ଙ୍କ ପୌରାହିତ୍ୟ ରେ ଭୂମି ପୂଜା ସମ୍ପାଦନ ହୋଇଥିଲା । ଏହି ଅବସରରେ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୨ ଡା.ଦୀପକ କୁମାର ମହାନ୍ତି, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ, ଉପ-ନିର୍ଦ୍ଦେଶକ (ଉଦ୍ୟାନ କୃଷି), ଡି .ଆର .ସି.ଏସ., ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ୟାମାଖୁଣ୍ଟା, ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ର ପ୍ରତିନିଧି ମନେ ଯୋଗ ଦେବା ସହ ଅନ୍ୟାନ୍ୟ କୃଷି ତଥା ଆନୁସଙ୍ଗିକ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ କୁ ମୁଖ୍ୟତଃ ଶ୍ରୀମତୀ ଲିସା ପ୍ରିୟଦର୍ଶନୀ ,ଗୋଷ୍ଠୀ କୃଷି ଅଧିକାରୀ , ଶ୍ୟାମାଖୁଣ୍ଟା, କୁମାରୀ ମଧୁସ୍ମିତା ଜେନା, ସହକାରୀ କୃଷି ନିର୍ଦ୍ଦେଶକ, ଶ୍ରୀ ସୁଧାଂଶୁ ଶେଖର ପଣ୍ଡା, ସହକାରୀ କୃଷି ଅଧିକାରୀ, ଶ୍ରୀ ରମ୍ୟ ରଞ୍ଜନ ମହାନ୍ତ, ସହକାରୀ କୃଷି ଅଧିକାରୀ, ଶ୍ରୀ ହେମନ୍ତ କୁମାର ବେହେରା, କୃଷି ଅଧିଦର୍ଶକ, ଶ୍ରୀ ତୁଷାର କୁମାର ମହାନ୍ତି,କୃଷି ଅଧିଦର୍ଶକ ପରିଚାଳନା କରିଥିଲେ ଏବଂ ଅନ୍ୟ ସହକର୍ମୀ ବୃନ୍ଦ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo